■ ଏମ୍‌ଡି ନିଯୁକ୍ତି ଘୁଞ୍ଚିଲା

# ବିଳମ୍ବ କଲେ ଲ୍ୟାମ୍ପ୍‌ସ ଅଧିକାରୀ

## ନିର୍ବାଚନ ପରେ ଯାହା ହେବ : ଏସ୍‌ଆର୍‌ସିଏସ

ମାଥିଲି, ୨୪।୨ (ସ୍ୱ.ପ୍ର.)

ମାଲକାନଗିରି ଜିଲା ମାଥିଲି ଲ୍ୟାମ୍ପ୍‌ସରେ ଏମ୍‌ଡି ନିଯୁକ୍ତି ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଏ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଲ୍ୟାମ୍ପ୍‌ସ ସଭାପତି ଡମ୍ବୁ ନାୟକଙ୍କ ନିର୍ଦ୍ଦେଶରେ ଲ୍ୟାମ୍ପ୍‌ସ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ ଏକ ବୋର୍ଡ ରେଜୁଲେଶନ ଚିଠି ଏସଆରସିଏସ ସୁଦର୍ଶନ ନାୟକଙ୍କ ନିକଟକୁ ପଠାଇଥିଲେ। ତେବେ ଆଗକୁ ନିର୍ବାଚନ ଥିବାରୁ ଏମ୍‌ଡି ନିଯୁକ୍ତି ଏବେ ହୋଇପାରିବନାହିଁ । ଯାହା ହେବ ନିର୍ବାଚନ ପରେ ନିଷ୍ପତ୍ତି ହେବ ବୋଲି ଏସଆରସିଏସ ନାୟକ କହିଛନ୍ତି । ଫଳରେ ଏମ୍‌ଡି ନିଯୁକ୍ତି ନେଇ ରହିଥିବା ଆଶା ମଉଳିଯାଇଛି। ଏନେଇ ଆବେଦନ କରିଥିବା ଆବେଦନକାରୀଙ୍କୁ ହତାଶ ହେବାକୁ ପଡିଛି। ଅନ୍ୟପକ୍ଷରେ ଲ୍ୟାମ୍ପ୍‌ସର ପରିଚାଳନା ପାଇଁ କ୍ୟାଶିୟର, ପିଅନ ଓ ଅନ୍ୟ ୩ଟି ପଦବୀ ପୂରଣ ଲାଗି ସମବାୟ ବିଭାଗ ନିର୍ଦ୍ଦେଶ ଦେଇଛି। ଆବଶ୍ୟକୀୟ କର୍ମଚାରୀ ନ ଥିବାରୁ ଲ୍ୟାମ୍ପ୍‌ସ ସୁରୁଖୁରୁରେ ପରିଚାଳନା ହୋଇପାରୁନାହିଁ। ଏକ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ଏହି ସୁଯୋଗ ଦେବାକୁ ଲ୍ୟାମ୍ପସ କର୍ତ୍ତୃପକ୍ଷ ଓ ବୋର୍ଡ କମିଟି ନାରାଜ । ତେବେ ଅବ୍ୟବସ୍ଥାରେ ଲ୍ୟାମ୍ପ୍‌ସ ଚାଲୁଥିବା ବୋର୍ଡ କମିଟି ସ୍ୱୀକାର କରିଛି । ଏହା ସତ୍ତ୍ୱେ ନିଯୁକ୍ତିରେ ବିଳମ୍ବ କରାଯାଉଛି। ନିର୍ବାଚନ ପୂର୍ବରୁ ଏମ୍‌ଡି ନିଯୁକ୍ତି ନ ଦେଲେ ଆନ୍ଦୋଳନ କରିବାକୁ ଆବେଦନକାରୀମାନେ ଚେତାବନୀ ଦେଇଛନ୍ତି।

# ଜୱାନପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ରମାନେ।

କାଲିମେଲା,୨୪।୨(ଡି.ଏନ.ଏ.)

କାଲିମେଲା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତର ଜୱାନପାଲି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରଥମିକ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଉମା ଶଙ୍କର ଦଳାଇ ଉପସ୍ଥିତ ଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରଞ୍ଜିତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ଜୟନ୍ତ କୁମାର ସାମଲ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ସ୍ୱାଗତ ସୂଚନା ଦେଇଥିଲେ । ସିଆରସିସି ସୁରେନ୍ଦ୍ରନାଥ ସାହୁ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ନିର୍ମିତ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଓ ଅଶୋକ ସ୍ତମ୍ଭ ଉନ୍ମୋଚନ ହୋଇଥିଲା। ସଭାରେ ଅତିଥିମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୃଷି ବୈଜ୍ଞାନିକ କେନ୍ଦ୍ରରେ ତାଲା

ମାଲକାନଗିରି,୨୪।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ଏବଂ କୃଷି କର୍ମଚାରୀମାନେ ଦୀର୍ଘ ୧୦ ଦିନ ହେଲା ସେମାନଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ମାଲକାନଗିରି ଜିଲାର ଚାଷୀମାନେ ଖରିଫ ଫସଲ ପାଇଁ ପ୍ରସ୍ତୁତି କରି ସେମାନେ କୃଷି ସମ୍ପର୍କରେ ବିଭିନ୍ନ ପରାମର୍ଶ ଏବଂ ନିଜ ମୃତ୍ତିକା ପରୀକ୍ଷା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଚଳିତ ଖରିଫ ଫସଲରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ କୃଷି ବୈଜ୍ଞାନିକ ଡ. ନିଗମାନନ୍ଦ ବେହେରା କହିଛନ୍ତି ଯେ, ଯେଉଁ ବୈଜ୍ଞାନିକମାନେ କୃଷିର ଉନ୍ନତି ପାଇଁ ଚାଷୀଙ୍କୁ ସବୁବେଳେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଓ ପରାମର୍ଶ ଦେଇ ଉନ୍ନତ ପ୍ରଣାଳୀରେ ଚାଷ ପାଇଁ ବୈଷୟିକ ଜ୍ଞାନ ଦେଉଥିଲେ ସେହି ବୈଜ୍ଞାନିକମାନଙ୍କ ବିଭିନ୍ନ ଦାବିକୁ ସରକାର ଅବହେଳା କରି ଚାଲିଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଯୋଗ ଦେବେ ନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**4 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ **₹1,000.00 କୋଟି ଟଙ୍କା** (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ଫେବୃୟାରୀ 26, 2019 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ । ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ - **(www.rbi.org.in)** ରେ **ଫେବୃୟାରୀ 22, 2019 (ଶୁକ୍ରବାର)** ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡା


କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଆଥ୍‌ଲେଟ୍‌ମାନେ।

କୋରାପୁଟ,୨୪।୨(ସ୍ୱ.ପ୍ର)

କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡା ରବିବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ରହିଛି, ଯାଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଘଟିବ ବୋଲି ପ୍ରକାଶ କରିଥିଲେ । ଏହି ପ୍ରତିଯୋଗିତା ଆସନ୍ତା ବୁଧବାର ଉଦ୍‌ଯାପିତ ହେବ । ଏଥିରେ ବିଶ୍ୱବିଦ୍ୟାଳୟର ୧୪ ଟି ବିଭାଗର ଶତାଧିକ ଛାତ୍ରୀଛାତ୍ର କ୍ରିକେଟ, ଭଲିବଲ, ଫୁଟବଲ, କବାଡି, ବ୍ୟାଡମିଣ୍ଟନ, କ୍ୟାରମ,ଚେସ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଡିନ (ଛାତ୍ରଛାତ୍ରୀଙ୍କର କଲ୍ୟାଣ) ପ୍ରଫେସର ଶରତ କୁମାର ପାଲିତା, ରେଜିଷ୍ଟ୍ରର ଅସିତ କୁମାର ଦାସଙ୍କ ସମେତ ବହୁ ପ୍ରଫେସର ଉପସ୍ଥିତ ଥିଲେ । ଏହାକୁ ପ୍ରଫେସର ପି.କେ ମହାନ୍ତି ପରିଚାଳନା କରିଥିଲେ ।

# ପରଜା ସମାଜର ବୈଠକ

କୋରୁକୋଣ୍ଡା,୨୪।୨(ଡି.ଏନ.ଏ.)

କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୧ଠାରେ ପରଜା ସମାଜ ପରିଷଦ ପକ୍ଷରୁ ନାନ୍ଦି ପରବ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ,ପଦ୍ମିନୀ ମୁଦୁଲି ଯୋଗ ଦେଇଥିଲେ। ପରଜା ସମାଜର ସଭାପତି ଘେନୁ ମୁଦୁଲି ଓ ସମ୍ପାଦକ ଶ୍ରୀନିବାସ ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସଭାରେ ଜିଲାର ସମସ୍ତ ପରଜା ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ପରଜା ସମାଜର ଉନ୍ନତି ନେଇ ସଭାରେ ଆଲୋଚନା ହୋଇଥିଲା।






## ସଂକ୍ଷେପରେ



### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

**ଜୟପୁର ୨୪।୨(ନି.ପ୍ର):** ଜୟପୁର ଡଙ୍ଗାଗୁଡାସ୍ଥିତ ସତସଙ୍ଗ ବିହାରଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ଏବଂ ପୂଜ୍ୟଦାଦାଙ୍କ ୨୪ତମ ଆଗମନୀ ସ୍ମୃତି ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ କୀର୍ତ୍ତନ କରାଯାଇଥିବା ବେଳେ ପୂର୍ବାହ୍ନ ୮ଟାରେ ଠାକୁରଙ୍କ ଶ୍ରୀବିଗ୍ରହକୁ ନଗର ପରିକ୍ରମା କରାଯାଇଥିଲା। ପରେ ସତ୍‌ସଙ୍ଗ ବିହାରଠାରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉତ୍ସବ କମିଟି ସଭାପତି ଉପେନ୍ଦ୍ର ନାଥ ମିଶ୍ର, ସମ୍ପାଦକ କପିଳ ଚରଣ ମହାକୁଳ, ଶିଶିର କୁମାର ପରିଜା, କେଦାରନାଥ ସାମନ୍ତରା, ସତସଙ୍ଗ ବିହାର ସଭାପତି ବିନୋଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ ଘଟଣା

### ବ୍ଲକ ଶିକ୍ଷାଧିକାରୀ ଦେଲେ ଥାନାରେ ଏତଲା

**କୋରାପୁଟ,୨୪।୨(ସ୍ୱ.ପ୍ର):** କୋରାପୁଟ ଜିଲ୍ଲା ବନ୍ଧୁଗାଁଠାରେ ହୋଇଥିବା ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରବିବାର ଥାନାରେ ଏତଲା ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ ପ୍ରମୋଦ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନ ୧୦ଟା ରେ ବନ୍ଧୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର ଏକ ବନ୍ଦ ଲଫାପାରେ ଥିବା ଏହି ଏତଲା ବନ୍ଧୁଗାଁ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସେହିପରି ବନ୍ଧୁଗାଁ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଏ ଜାଗଗୁଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ବିହାରୀ ମଲ୍ଲିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଥାଉକି, ଗତ ଶୁକ୍ରବାର ବନ୍ଧୁଗାଁ ସଦର ମହକୁମା ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଓଡିଆ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା।

### ଜାତୀୟ ଅନୁସୂଚିତ ଜନଜାତି କମିଶନ ସଚିବଙ୍କ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ



**କୋରାପୁଟ,୨୪।୨(ସ୍ୱ.ପ୍ର):** ଜାତୀୟ ଅନୁସୁଚିତ ଜନଜାତି କମିଶନଙ୍କ ସଚିବ ଏସ.କେ ରଥ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସଚିବଙ୍କୁ ସ୍ୱାଗତ କରିବା ସହ ବିଶ୍ୱବିଦ୍ୟାଳୟରେ ଅନୁସୁଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ସଂରକ୍ଷଣ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟରେ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଯୁଗ୍ମ ସଚିବ ରଥ ପରାମର୍ଶ ଦେବା ସହ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପ୍ରଫେସର ଏସକେ ପାଲିତା, ରେଜିଷ୍ଟ୍ରାର ଅସିତ କୁମାର ଦାସ, କେ.କେ ରାୟ, ଡ. କପିଲ ଖେମୁଣ୍ଡୁ, ଡ ବିକେ ଶ୍ରୀନିବାସ, ଡ ପି.କେ ବେହେରା, ସୁଧାକର ପଟ୍ଟନାୟକ, ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

■ ଜୟପୁର ବନଖଣ୍ଡରେ ଭାଲୁ-ମଣିଷ ମୁହାଁମୁହିଁ

# ୮ ବର୍ଷରେ ୨୬ ମଣିଷ ,୩୨ ଭାଲୁ ମୃତ

**ଜୟପୁର,୨୪।୨(ନି.ପ୍ର.)**

■ ୧ ଶହରୁ ଊର୍ଦ୍ଧ୍ୱ ଆହତ
■ ଭାଲୁ ଆକ୍ରମଣରେ ୨୭ ପଙ୍ଗୁ
■ ୩୧୯.୬୫ ଏକର ଫସଲ ନଷ୍ଟ



କୋରାପୁଟ ଜିଲାରେ ବଣ ପାହାଡ ମୁଲକରେ ଭାଲୁ ଓ ମଣିଷ ମୁହାଁମୁହିଁ ହେବା କିଛି ନୂଆ କଥା ନୁହେଁ। କ୍ରମାଗତ ଜଙ୍ଗଲ ଧ୍ୱଂସ ଓ ଖାଦ୍ୟ ଅଭାବ କାରଣରୁ ଭାଲୁ ଭଳି ହିଂସ୍ର ଜନ୍ତୁ ଜନ ବସତି ମୁହାଁ ହେଉଛନ୍ତି। ଫଳରେ ମଣିଷ-ଭାଲୁ ସଂଘର୍ଷ ହୋଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଜିଲାର ଜୟପୁର, ବୈପାରୀଗୁଡା, ଲମତାପୁଟ,କୁନ୍ଦୁରା, କୋଟପାଡ ଅଞ୍ଚଳରେ ଆମ୍ବୁ ଚାଷ ସହ ପଣସ, କାଜୁ ଗଛ ବହୁ ପରିମାଣରେ ଥିବା ବେଳେ ଲକ୍ଷ୍ମୀପୁର, ଦଶମନ୍ତପୁର, ନନ୍ଦପୁର, ପାଡୁଆ, ଚାଟୁଆ, ପଟାଙ୍ଗି ଆଦି ଅଞ୍ଚଳରେ ପଣସ ସହ କଦଳୀର ଫସଲ ରହିଛି। ଏହା ଖାଇବା ପାଇଁ ବହୁସଂଖ୍ୟାରେ ଭାଲୁ ଗାଁ ମୁହାଁ ହେଉଥିବା ବେଳେ ଗାଁ ଗହଳି ର ଅଧିକାଂଶ ଲୋକ ଭାଲୁ ଆକ୍ରମଣର ଶିକାର ହେଉଛନ୍ତି। ଜୟପୁର ବନଖଣ୍ଡ ଅନ୍ତର୍ଗତ ଜୟପୁର, ବୋରିଗୁମ୍ମା, କୋଟପାଡ, କୁନ୍ଦୁରା, ବୈପାରିଗୁଡା ରେଞ୍ଜ ଅଧୀନରେ ୨୦୧୧-୧୨ ଠାରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ଭାଲୁ ମଣିଷ ଲଢେଇରେ ୨୬ ମଣିଷଙ୍କ ଜୀବନ ଯାଇଥିବା ବେଳେ ୩୨ଟି ଭାଲୁ ମୃତ୍ୟୁ ବରଣ କରିଛନ୍ତି। ୧ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ୨୭ ଭାଲୁ ଆକ୍ରମଣରେ ଗଭୀର ଆଘାତ ପାଇ ଜୀବନ ସାରା ପଙ୍ଗୁ ପାଲଟି ଯାଇଛନ୍ତି। ଏଥିସହ ବନଖଣ୍ଡରେ ଥିବା ୩୧୯.୬୫ ଏକର ଜମିର ବିଭିନ୍ନ ଫସଲ ନଷ୍ଟ ହୋଇଯାଇଛି।

ଜିଲାରେ ବହୁଳ ସଂଖ୍ୟାରେ ଆଦିବାସୀ ବସବାସ କରୁଥିବା ବେଳେ ସେମାନଙ୍କ ମୁଖ୍ୟ ଜୀବିକା କୃଷି ତଥା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ। ସେହିଭଳି ଜାଳେଣି ପାଇଁ ମଧ୍ୟ ଆଦିବାସୀମାନେ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବାରୁ ଅଧିକାଂଶ ସମୟରେ ଏପରି ଘଟଣାମାନ ଘଟିବାର ଆଶଙ୍କା ମଧ୍ୟ ରହିଛି। ଆଦିବାସୀମାନେ ମଧ୍ୟ ଜଙ୍ଗଲକୁ ଛତୁ, କରିଡି, ଶାଳ ପତ୍ର ପାଇଁ ଜଙ୍ଗଲ ଯାଇଥିବା ବେଳେ ଭାଲୁ ସହ ଲଢେଇ ହୋଇ ମୃତ୍ୟୁବରଣ କରିଥାନ୍ତି। କ୍ଷତିପୂରଣ ବାବଦରେ ଜଙ୍ଗଲ ବିଭାଗ ପକ୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷରେ ୨୩ ଲକ୍ଷ ୬୫ ହଜାର , ୨୦୧୪-୧୫ ରେ ୧୬ ଲକ୍ଷ ୧୫ ହଜାର , ୨୦୧୫-୧୬ ରେ ୬ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୧୬-୧୭ ରେ ୮ଲକ୍ଷ ୫୫ ହଜାର ଟଙ୍କା,୨୦୧୭-୧୮ ରେ ୮ଲକ୍ଷ ଟଙ୍କା ୪୫ ହଜାର ଓ ୨୦୧୮-୧୯ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୨୦୧୮ ମାର୍ଚ୍ଚ ୧୪ ତାରିଖରେ ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଞ୍ଚାୟତର ଡୁମୁରିପଦର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ବିଷ୍ଣୁ କ୍ରିଷାନି(୩୫)ଗୁରୁତର ହୋଇପଡିଥିଲେ। ସେ ରାତିରେ ଶୌଚ ପାଇଁ ନିକଟସ୍ଥ ଝରଣାକୁ ଯାଇ ଫେରିବା ସମୟରେ ରାସ୍ତାରେ ୩ଟି ଭାଲୁ ହଠାତ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କୋରାପୁଟ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

ସେହିପରି ୨୦୧୮ ଅଗଷ୍ଟ ୨୨ ତାରିଖରେ ବୈପାରୀଗୁଡ଼ା ବ୍ଲକରେ ଭାଲୁ ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ବୈପାରୀଗୁଡା ବ୍ଲକର ଶ୍ୟାମ ପାଙ୍ଗି ଜଙ୍ଗଲକୁ କାଠ ଆଣିବାକୁ ଯିବା ସମୟରେ ଭାଲୁ ସମ୍ମୁଖରେ ପଡିଥିଲେ। ସେହିପରି ଜୟପୁର ବ୍ଲକ ଗଡପଦର ଗ୍ରାମର ଯୁଧିଷ୍ଠିର ପେଣ୍ଟିଆ (୪୬) ସକାଳୁ ନିଜ ଜମିକୁ ଯିବା ସମୟରେ ୩ଟି ଭାଲୁ ଆକ୍ରମଣ କରିଥିଲେ। ସେ ପାଟି କରି ଗଛ ବୁଦା ଭିତରେ ଲୁଚି ଯାଇଥିଲେ। ପରେ ନିକଟରେ ଥିବା ଲୋକମାନେ ପାଟି କରିବାରୁ ଭାଲୁ ପଳାଇଥିଲେ। ସେହିପରି ଉକ୍ତ ଗ୍ରାମର ଅର୍ଜୁନ ସାନ୍ତା ଚାଷ ଜମିକୁ ଯାଉଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ଭାଲୁ ଆକ୍ରମଣରେ ସେ ଆହତ ହୋଇଥିଲେ। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ଅଶ୍ୱିନ କୁମାର କର ପଚାରିବାରୁ , ବିଭାଗ ପକ୍ଷରୁ ଭାଲୁର ଆତଯାତ ପଥକୁ ଚିହ୍ନଟ କରାଯାଇ ଗ୍ରାମବାସୀଙ୍କୁ ସଚେତନା କରାଯାଉଛି ବୋଲି କହିଥିଲେ।

## ଆଉଟସୋର୍ସ କର୍ମଚାରୀଙ୍କ ଆନ୍ଦୋଳନ: ସମସ୍ୟାରେ ବିଦ୍ୟୁତ ବିଭାଗ

**ଜୟପୁର,୨୪।୨(ଡି.ଏନ.ଏ)**

ସାଉଥ୍‌କୋ ପକ୍ଷରୁ କୋରାପୁଟ ଜିଲା ଜୟପୁର ଡିଭିଜନରେ ଗ୍ରାହକମାନଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଉଛି। ତେବେ ବିଦ୍ୟୁତ ଯୋଗାଣବେଳେ ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସମସ୍ୟା ଦେଖାଦେଉଛି। ବର୍ଷା ଓ ପବନ ହେଲେ ଏହି ସମସ୍ୟା ଦ୍ୱିଗୁଣିତ ହୋଇପଡୁଛି। ଏହାକୁ ସଜାଡିବା ନିମନ୍ତେ ଆବଶ୍ୟକ ହେଉଥିବା କର୍ମଚାରୀଙ୍କ ଅଭାବ ଦେଖାଗଲେ ବିଦ୍ୟୁତ ଗ୍ରାହକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗର ଜୟପୁର ଡିଭିଜନରେ ସାଉଥକୋ ପକ୍ଷରୁ ପ୍ରାୟ ୨୦୦ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଆଉଟସୋର୍ସ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ଜୟପୁରରେ ୩ଟି, ବୈପାରୀଗୁଡା, ଦଶମନ୍ତପୁର, ବୋରିଗୁମ୍ମା, କୁନ୍ଦୁରା, ବି.ସିଙ୍ଗପୁର, ଗୁମୁଡା, ରଣ୍ଡାପାଲୀ ଏବଂ ଲମତାପୁଟରେ ୧୧ଟି କଣ୍ଟ୍ରୋଲ ରୁମ୍‌ରେ ୮୮ଜଣ ବୈଷୟିକ କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଡିଭିଜନ୍‌ର ୯ଟି ସେକ୍ସନରେ ପ୍ରାୟ ୭୦ଜଣ ଅଣକୁଶଳୀ କର୍ମଚାରୀଙ୍କୁ ଆଉଟସୋର୍ସରୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଆଉଟସୋର୍ସ କର୍ମଚାରୀ ସଂଘ ସେମାନଙ୍କ ବିଭାଗ ପକ୍ଷରୁ ସ୍ଥାୟୀ ନିଯୁକ୍ତି, ସମସ୍ତ ପ୍ରକାର ସୁବିଧା ସୁଯୋଗ, ସମାନ କାର୍ଯ୍ୟକୁ ସମାନ ମଜୁରି ଆଦି ଦାବି ନେଇ ଗତ ୨୬ଦିନ ହେଲା ସାରା ରାଜ୍ୟରେ ଧାରଣାକୁ ସମର୍ଥନ ଜଣାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି। ଫଳରେ କର୍ମଚାରୀ ଅଭାବ ଯୋଗୁ ବିଦ୍ୟୁତ ବିଭାଗରେ ସମସ୍ୟା ଦେଖାଦେଇଛି। ଅଳ୍ପସଂଖ୍ୟକ ସ୍ଥାୟୀ କର୍ମଚାରୀଙ୍କୁ ବିଭିନ୍ନ କଣ୍ଟ୍ରୋଲ ରୁମ ଏବଂ ମରାମତି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିଯୋଗୁ କାର୍ଯ୍ୟରେ ବିଳମ୍ବ ଘଟୁଛି। ଏନେଇ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟଦର୍ଶୀ ବେହେରାଙ୍କୁ ପଚାରିବାରେ କହିଛନ୍ତି ଯେ, ସମସ୍ୟା ହେଉଛି। କିନ୍ତୁ ଅଧିକ ସମୟ ପର୍ଯ୍ୟନ୍ତ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇ ମରାମତି ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯାଉଛି।

■ ଲୋକଙ୍କ ମତକୁ ନେଇ ଇସ୍ତାହାର ପ୍ରସ୍ତୁତ କରିବ କଂଗ୍ରେସ

## ଘରଘର ବୁଲି ମତାମତ ଆଣିବାକୁ ପରାମର୍ଶ



ପିସିସି ଇସ୍ତାହାର କମିଟି ସଦସ୍ୟ ସୁରୀ ସାରେନ୍ କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଆଲୋଚନାରତ।

**ଜୟପୁର,୨୪।୨(ନି.ପ୍ର)**

ଆଗାମୀ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏଥିରୁ କଂଗ୍ରେସ ମଧ୍ୟ ୨ ପାଦ ଆଗରେ ରହିଛି। ରବିବାର ପିସିସି ଇସ୍ତାହାର କମିଟି ସଦସ୍ୟ ସୁରି ସାରେନ ଜୟପୁର ଗସ୍ତରେ ଆସି କଂଗ୍ରେସର ନେତା ଓ କର୍ମୀଙ୍କ ସହ ଆଲୋଚନା କରି ପରାମର୍ଶ ଦେଇଛନ୍ତି। କଂଗ୍ରେସକୁ ସୁଦୃଢ କରିବାକୁ ହେଲେ କର୍ମକର୍ତ୍ତା ତଳ ଶ୍ରେଣୀର ଲୋକଙ୍କ ପାଖକୁ ଯାଇ ଘର ଘର ବୁଲି ମତାମତ ଲୋଡ଼ିବାକୁ କହିଛନ୍ତି। ଏଥିସହ ଟ୍ରକ ୟୁନିୟନ, କାଜୁ ମିଲ, ବସ ୟୁନିୟନ, ସରକାରୀ କର୍ମଚାରୀ, ବିଭିନ୍ନ ବର୍ଗ ଲୋକଙ୍କ ସାକ୍ଷାତ କରି ସେମାନଙ୍କ ସହ ଆଲୋଚନା କରି ୫ ଦିନ ଭିତରେ ତଥ୍ୟ ସଂଗ୍ରହ କରି ଦେବାକୁ କୁହାଯାଇଛି। ଲୋକମାନଙ୍କ ମତାମତକୁ ନେଇ ଇସ୍ତାହାର ପ୍ରସ୍ତୁତ କରାଯିବ। ରାଜ୍ୟସ୍ତରର ଇସ୍ତାହାର ସହ ସ୍ଥାନୀୟ ବାସିନ୍ଦାଙ୍କ ମତାମତକୁ ଅଧିକ ଗୁରୁତ୍ୱ ଦେଇଛି କଂଗ୍ରେସ। ଏହି ବୈଠକରେ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ରାମ କାଡାମ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ବ୍ଲକ ସଭାପତି ବସନ୍ତ ନାୟକ, ବୋରିଗୁମ୍ମା ବ୍ଲକ ସଭାପତି ଅଶୋକ ଗନ୍ତାୟତ, ବିଧାୟକ ପ୍ରତିନିଧି ଭାସ୍କର ପଟ୍ଟନାୟକଙ୍କ ସହ ୧୪ଟି ବ୍ଲକର କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

## ଆବାସ ଗୃହ ଯୋଗାଇବା ଦାବି

**ଦଶମନ୍ତପୁର,୨୪।୨(ଡି.ଏନ୍.ଏ.)**



ମଇନା ମୁଦୁଲିଙ୍କ ସହ ତାଙ୍କର ଦୁଇ ଝିଅ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ବିଜମରା ଗ୍ରାମର ଡମ୍ବୁନାଥ ମୁଦୁଲି। ପରିବାର କହିଲେ ତାଙ୍କ ସ୍ତ୍ରୀ ମଇନା ମୁଦୁଲି ଏବଂ ୨ ଝିଅ। ଅନ୍ୟ ଘରେ କାମ କରି ଯାହା ଆଣନ୍ତି ସେଥିରେ ତାଙ୍କର ପରିବାର ଚଳେ। ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କର ଘର ଖଣ୍ଡିଏ ନ ଥିବା ବେଳେ ଚାଷ କରିବାକୁ ଜମି ମଧ୍ୟ ନାହିଁ। ଛଣ ଛପର କୁଡିଆରେ ୪ ପ୍ରାଣୀ ରହୁଛନ୍ତି। ଜରାଜୀର୍ଣ୍ଣ ହୋଇ ପଡିଥିବା ଗୃହ ମରାମତି କରିବା ପାଇଁ ମଧ୍ୟ ତାଙ୍କ ପାଖରେ ଅର୍ଥ ନ ଥିବା କହିଛନ୍ତି। ଆବାସ ଗୃହ ଖଣ୍ଡେ ପାଇବା ପାଇଁ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ମଧ୍ୟ ଆମ କଥା କେହି ଶୁଣୁ ନାହାନ୍ତି। ଘର ଖଣ୍ଡେ ପାଇଁ ଗାଡି ଭଡାରେ ମଧ୍ୟ ବହୁ ଖର୍ଚ୍ଚ କରିଲୁଣି। ତଥାପି କିଛି ସୁଫଳ ମିଳିନାହିଁ। ଆବାସ ଗୃହ କରାଇ ଦେବା ଲାଗି କିଛି ଦଲାଲ ହତାଗୁଞ୍ଜା ମଧ୍ୟ ନେଇଥିବା ମଇନା କହିଛନ୍ତି। ଏତିକି ନୁହେଁ ପଲ୍ଲିସଭା ଏବଂ ଗ୍ରାମସଭାରେ ମଧ୍ୟ ଅନେକ ଥର ନାମ ପଞ୍ଜୀକରଣ କରିଆସୁଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉ ନ ଥିବା କହିଛନ୍ତି। ଏ ନେଇ ସରପଞ୍ଚ ପୀତବାସ ମୁଦୁଲିଙ୍କୁ ପଚାରିବାରୁ, ମୁଁ ତଦନ୍ତ କରି ଖୁବ୍‌ଶୀଘ୍ର ଘର ଯୋଗାଇ ଦେବି ବୋଲି କହିଛନ୍ତି। ଡ଼ମ୍ବୁନାଥ ଗରିବ ହୋଇଥିବାରୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**କୁନ୍ଦୁରା, ୨୪।୨ (ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ ଘୁମର ପଞ୍ଚାୟତର ଆରଡି ମୁଖ୍ୟ ରାସ୍ତା କଡ଼ରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପାଣ୍ଡିପଡ଼ା ଗ୍ରାମର ନୀଳାମ୍ବର କମାର। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘର କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଘୁମର ଗ୍ରାମକୁ ଆସିଥିଲେ। ବାହାଘର ପାଇଁ ଗଛଡାଳ ଆବଶ୍ୟକ ହେବାରୁ ନୀଳାମ୍ବର ଅନ୍ୟଜଣଙ୍କ ସହ ଡାଳ କାଟିବାକୁ ଯାଇଥିଲେ। ଗଛକୁ ଲାଗି ୧୧ କେଭି ତାର ଯାଇଥିଲା। ଡ଼ାଳକୁ କାଟୁଥିବା ବେଳେ ନୀଳାମ୍ବର ତାରକୁ ଦେଖି ନ ପାରି ହାତରେ ଧରି ପକାଇଥିଲା। ଫଳରେ ଗଛରେ ଛନ୍ଦିହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବୈପାରୀଗୁଡା ବିଦ୍ୟୁତ୍ ବିଭାଗ ଲାଇନ୍‌ମ୍ୟାନ୍ ଭୋଳାନାଥ ସାହୁ ଏବଂ ବୈପାରୀଗୁଡା ଥାନା ଅଧିକାରୀ ରମେଶ କୁମାର ଦେବତା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ୦୬/୧୯) ରୁଜୁ କରିଛି।

## କ୍ରୀଡା ସାମଗ୍ରୀ ପ୍ରଦାନ



ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଉଛି।

**ପଟ୍ଟାଙ୍ଗି,୨୪।୨(ଡି.ଏନ.ଏ)**

କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲକୋ ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଥିବା ଗାଙ୍ଗେଶ୍ୱରୀ ଯୁବକ ସଂଘକୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଛି। ଯୁବ ଗୋଷ୍ଠୀଙ୍କ ମଧ୍ୟରେ କ୍ରୀଡାକୁ ସୁଦୃଢ କରି ଭାଇଚାରା ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ଫାଉଣ୍ଡେଶନର ସିଏସଆର ସୌଭାଗ୍ୟ ରଞ୍ଜନ ଜେନା ପ୍ରକାଶ କରିଛନ୍ତି। ସଂଘର ସଭାପତି ଧ୍ରୁବ ଚରଣ ମହାପାତ୍ର ଓ ସମ୍ପାଦକ ପ୍ରଭାକର ସାହୁଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି। କିପରି ଏକ ଟୁର୍ନାମେଣ୍ଟ ଆୟୋଜିତ ହେବ ସେନେଇ ପରାମର୍ଶ ଦିଆଯାଇଥିଲା। ଏହି ସମୟରେ ସରପଞ୍ଚ ଭଗବାନ ଖରା ଙ୍କ ସମେତ ମନୋଜ କୁମାର ଦାସ, ମୁରଲୀ ଚୌଧୁରୀ , ଜୟ ପ୍ରକାଶ ରାଓ, ଅଜିତ ଚୌଧୁରୀ , ସନ୍ତୋଷ କୁମାର ଜେନା, ସୁଜିତ ଚୌଧୁରୀ , ତ୍ରିନାଥ ନାୟକ ଓ ବିଜୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହିପରି କ୍ରୀଡା ସାମଗ୍ରୀ ସେମିଳିଗୁଡା ବ୍ଲକ ଖୁଡି ପଞ୍ଚାୟତ ନୂଆଁଗୁଡା , ଡୁର୍କାଗୁଡା , ମୁଦାଇଗୁଡା , ଗେଲାଗୁଡା , ବଡମାର୍ଲା ସମେତ ପଟ୍ଟାଙ୍ଗି ବ୍ଲକର କାତ୍ରାଗୁଡା, ଏରାସାନ୍ତାଗୁଡା ଆଦି ଗ୍ରାମର ଯୁବ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଛି ବୋଲି ସିଏମଓ ଦୁସିଳା ଶ୍ରୀହରିଆ ପ୍ରକାଶ କରିଛନ୍ତି।

## ଶିବରାତ୍ରି ପ୍ରସ୍ତୁତି ବୈଠକ

**କୋଲାବନଗର,୨୪।୨(ଡି.ଏନ୍.ଏ.)**

କୋରାପୁଟ ସଦର ଅନ୍ତର୍ଗତ କୋଲାବନଗରସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ଆଗାମୀ ଶିବରାତ୍ରି ପାଳନ ନେଇ ମନ୍ଦିର ପ୍ରଶାସନ ତରଫରୁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହର ନାମଯଜ୍ଞଠାରୁ ଆରମ୍ଭ କରି ହୋମ,ପୂଜା, ମହାଦୀପ ଆଦି ଉଠିବା କାର୍ଯ୍ୟ ପାଇଁ ମାହେନ୍ଦ୍ର ବେଳା ଆଦି ସ୍ଥିର କରାଯାଇଛି। ସମସ୍ତ କାର୍ଯ୍ୟ କିପରି ସୁଚାରୁ ରୂପେ ସମ୍ପନ୍ନ କରାଯିବ, ସେଥିପାଇଁ ସେବାୟତ ଓ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି।

## କର୍କଟ ସଚେତନତା କାର୍ଯ୍ୟକ୍ରମ



କର୍କଟ ନିରାକରଣ ନେଇ ସଚେତନ କରାଯାଉଛି।

**ଦାମନଯୋଡ଼ି,୨୪।୨(ସ୍ୱ.ପ୍ର)**

କଟକସ୍ଥିତ ଏଚସିଜି ପଣ୍ଡା କ୍ୟାନର ହସପିଟାଲ ପକ୍ଷରୁ ଦାମନଯୋଡ଼ି କ୍ଲବ ସଭାଗୃହରେ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍କଟ ରୋଗର କାରଣ ଓ ନିରାକରଣ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପଣ୍ଡା କ୍ୟାନସର ହସପିଟାଲ ଡ଼ା ମଞ୍ଜୁନାଥ ଏନ.ଏମ.ଏଲ ଯୋଗ ଦେଇ କର୍କଟ ରୋଗ ଜାଣିବା ପରେ ଉପଯୁକ୍ତ ଚିକିତ୍ସା କଲେ ଏହା ଭଲ ହୋଇଥାଏ ବୋଲି କହିଥିଲେ। ଏଥିରେ ପଣ୍ଡା କ୍ୟାନସର ହସ୍‌ପିଟାଲର ଜେ.ଆର. ମିଶ୍ର, ସମୀର କୁମାର ମିଶ୍ର, ନାଲକୋ ହସ୍‌ପିଟାଲର ଡ଼ା. ଗୀତା ମିଶ୍ର, ଜ୍ୟୋତିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟୋଗିକତା ବିକାଶ ସଚେତନତା

**କୋରାପୁଟ,୨୪।୨(ସ୍ୱ.ପ୍ର)**

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ଉମୁରି ଗ୍ରାମଠାରେ ରବିବାର କୋରାପୁଟ ଏସବିଆଇ ଗ୍ରାମୀଣ ସ୍ୱରୋଜଗାର ତାଲିମ ପ୍ରତିଷ୍ଠାନ ପକ୍ଷରୁ ଉଦ୍ୟୋଗିକତା ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶୋଭା ଅନୁଷ୍ଠାନର ସଭାପତି ମଦନ କ୍ରିଷାନୀଙ୍କ ସମେତ ଉମୁରି ଗ୍ରାମର ଟାଇଗର ୟୁଥ୍ କ୍ଲବର ଯୁବକଯୁବତୀ ଯୋଗ ଦେଇଥିଲେ। ଗ୍ରାମୀଣ ସ୍ୱରୋଜଗାର ତାଲିମ ପ୍ରତିଷ୍ଠାନର ରିତୁ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକଯୁବତୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ଆତ୍ମନିର୍ଭର ହେବେ ସେନେଇ ସଚେତନତା କରାଯାଇଥିଲା। ଏହି ପ୍ରତିଷ୍ଠାନ ଦ୍ୱାରା କୋରାପୁଟ ଜିଲାର ଅନେକ ଗ୍ରାମରେ ବେକାରି ଯୁବକଯୁବତୀ, ସ୍ୱୟଂ ସହାୟକ ଗୋଷ୍ଠୀ ତାଲିମ ନେଇ ନିଜେ ରୋଜଗାରର ମାଧ୍ୟମ ସୃଷ୍ଟି କରିବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟାଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପବିତ୍ର ନାଗ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ଯୁବତୀ ଯୁବକମାନେ।

## ବିପଦସଙ୍କୁଳ ଅବସ୍ଥାରେ ପୁକି ବିଦ୍ୟାଳୟ

**କୋଲାବନଗର,୨୪।୨(ଡି.ଏନ୍.ଏ.)**

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତରେ ରହିଛି ପୁକି ଉ.ପ୍ରା. ବିଦ୍ୟାଳୟ। ଏଠାରେ ୧ରୁ ୫ମ ପର୍ଯ୍ୟନ୍ତ ୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୦୦୩ରେ ୬,୬୦,୦୦୦ ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ଇତି ମଧ୍ୟରେ ୧୮ ବର୍ଷ ବିତି ଗଲାଣି। ମରାମତି ଅଭାବରୁ ବିଦ୍ୟାଳୟଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ତ୍ତମାନ ଗୃହର କାନ୍ଥଗୁଡିକ ଫାଟିଗଲାଣି। ଛାତରୁ ପାଣି ଗଳୁଛି। ଏଥିସହ ଛାତରୁ ସ୍ଲାପ୍ ଖସିବା ସହ ଭିତର କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟର ଖଣ୍ଡ ଖଣ୍ଡ ହୋଇ ପଡୁଛି। ଫଳରେ ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏବେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ କୁଣ୍ଠା ବୋଧ କରୁଛନ୍ତି। ଆଜକୁ ୫ ବର୍ଷ ହେଲା ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରି ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ବିଦ୍ୟାଳୟ ସଭାପତି ବଳରାମ ଜାନି, ମକୁନ୍ଦ ଖୋସଲା, ଧନପତି ଖିମୁଣ୍ଡ, ମିରୁ ଜାନି, ନରସିଂହ ଖିଲ, ଖେନୁ ଖୋସଲା, ରାମ ଟାକ୍ରୀ, ମାଣ୍ଡି ଘାସି, ନକୁଳ ଖରା, ପିତୁ ଖରା ଆଦି ଅଭିଯୋଗ କରିଛନ୍ତି। ନିର୍ବାଚନ ପୂର୍ବରୁ ଯଦି ବିଦ୍ୟାଳୟ ମରାମତି କରା ନ ଯାଏ ତେବେ ନୂଆପୁକି ଗ୍ରାମବାସୀ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପୁକି ବିଦ୍ୟାଳୟ।



ସମୟ ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

## ସଂକ୍ଷେପରେ

### ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ନବରଙ୍ଗପୁର,୨୪।୨(ଡି.ଏନ.ଏ.): ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରମିକ ପ୍ରମୋଦ ଗୌଡ ଗୁରତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନବରଙ୍ଗପୁର ଖ୍ରୀଷ୍ଟ୍ୟାନ ହସ୍ପିଟାଲ ନିକଟରେ ଚାଲିଥିବା ନୂତନ କୋଠାରେ ପ୍ରମୋଦ ପାଣି ପକାଉଥିଲେ। ଏହି ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ପ୍ରମୋଦ ଆସି ଯାଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ବିଦ୍ୟୁତ କାଟ ପାଇଁ ଫିଡରକୁ ଯାଇ ଜଣାଇଥିଲେ। ବିଦ୍ୟୁତ କାଟ ପରେ ଉଦ୍ଧାର କରାଯାଇ ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା କରିବା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

### ଭାଜପା ନଗର କମିଟି ବୈଠକ

ନବରଙ୍ଗପୁର,୨୪।୨(ଡି.ଏନ.ଏ.): ଭାଜପା କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନକିବାତ' କାର୍ଯ୍ୟକ୍ରମକୁ ରବିବାର ଭାଜପା କର୍ମକର୍ତ୍ତାମାନେ ଶୁଣିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ନବରଙ୍ଗପୁର ନଗର ସଭାପତି ସୁବ୍ରତ ମିଶ୍ରଙ୍କ ଅଧକ୍ଷତାରେ ନଗର କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝୀ, ବରିଷ୍ଠନେତା ସୁରେନ୍ଦ୍ର କୁମାର ବିଷୋୟୀ, ଜିଲା ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ଯୁବ ନେତା ଗୌରୀଶଙ୍କର ମାଝୀ, ଜିଲା ମିଡିଆ ସଂଯୋଜକ ସଂଜୀବ ନନ୍ଦ, ନଗର ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ମହାରଣା, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପୂଜାରୀ, ବିଧାନସଭା ବିସ୍ତାରକ ହରେକୃଷ୍ଣ ପଣ୍ଡା, ବେବିରାଣୀ ସୁବୁଦ୍ଧି, ସନମ ବେଗମ, ସୁନୀତା ପାଢ଼ୀ, ମଧୁସ୍ମିତା ପଟ୍ଟନାୟକ, ଲକ୍ଷ୍ମୀଧର ହରିଜନ, ସୁଧାଂଶୁ ଶେଖର, ସତ୍ୟବ୍ରତ ସ୍ୱାଇଁ, ଏମ.ପ୍ରଶାନ୍ତ, ସପନ ତ୍ରିପାଠୀ, ବବିତା ସାହୁ, ନିହାର ବିଷୋୟୀ, ବି.ସାଇ କୁମାର ରାଓ ପ୍ରମୁଖ ଯୋଗ ଦେଇଥିଲେ।

### ଗଛକୁ ଧକ୍କା ଦେଲା କାର, ୩ ଗୁରୁତର

ହିଞ୍ଜିଳିକାଟୁ,୨୪।୨(ଡି.ଏନ୍.ଏ.): ହିଞ୍ଜିଳି ଥାନା ସାରୁ ଛକ ଜାତୀୟ ରାଜପଥ ନଂ-୫୯ରେ ରବିବାର ମଧାହ୍ନରେ ଏକ କାର (ନଂ- ଓଡିଶା୩ଏଫ-୯୨୭୭) ରାସ୍ତା ପାର୍ଶ୍ୱ ଗଛରେ ପିଟି ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁର ଗୋସାଇଁନୂଆଗାଁ ଅଞ୍ଚଳର କାର ଚାଳକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ତାଙ୍କ ସ୍ତ୍ରୀ ସରୋଜିନି ପାଣିଗ୍ରାହୀ ଏବଂ ବ୍ରଜନଗର ଅଞ୍ଚଳର ନଳିନୀକାନ୍ତ ପାଣିଗ୍ରାହୀ।

# ସ୍କୁଲ ପରିସରରୁ ଗଛ କାଟି ଚାଲାଣ

- ଗଛ କଟାକୁ ନେଇ ଜନଅସନ୍ତୋଷ
- ବନବିଭାଗ ପହଞ୍ଚି ଜବତ କଲା କାଠ
- ଥାନାରେ ଏତଲା ଦିଆଯିବ : ପ୍ରଧାନଶିକ୍ଷକ

ପାପଡାହାଣ୍ଡି,୨୪।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦିଶାରୀଗୁଡା ପ୍ରାଥମିକ ବିଦ୍ୟାଳୟ ପରିସରରୁ ରବିବାର ମୂଲ୍ୟବାନ ୯ଟି ଆକାଶିଆ ଗଛ କଟାଯାଇଛି। କିଛି ଲୋକ ଗଛ କାଟି ଚାଲାଣ କରିବା ଲାଗି ଯୋଜନା କରୁଥିବା ସମୟରେ ଖବର ପାଇ ବନ ବିଭାଗ ପହଞ୍ଚି କାଠ ଗୁଡିକୁ ଜବତ କରିଛି। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ପରିଛା ଏନେଇ ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ସ୍କୁଲ ପରିସରରୁ ଏତେ ସଂଖ୍ୟକ ଗଛ କଟାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଗଛ ଯୋଗୁଁ ବିଦ୍ୟାଳୟ ପରିସରରେ ସବୁଜିମା ଦେଖାଯିବା ସହ ଦୀର୍ଘ ବର୍ଷ ହେଲା ଖରାରେ ଛାଇ ଯୋଗାଉଥିଲା। ରବିବାର କେତେ ଜଣ ଲୋକ ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଆକାଶିଆ ଗଛ ଗୁଡିକୁ କାଟିଦେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ। କାଠ ଗୁଡିକୁ ଗୋଟିଏ ଗାଡିରେ ଚାଲାଣ କରିବା ସମୟରେ ପାପଡାହାଣ୍ଡି ବନ ବିଭାଗ ପହଞ୍ଚି ଜବତ କରିଥିଲେ। କାଠ କାଟିବାରେ କେଉଁ ମାନେ ସମ୍ପୃକ୍ତ ଜଣା ପଡ଼ିନାହିଁ। ଖବର ପାଇ ପ୍ରଧାନ ଶିକ୍ଷୟିତ୍ରୀ ପହଞ୍ଚି ସେ ଜାଣି ନ ଥିବା କହିଛନ୍ତି। ପ୍ରକୃତ ତଦନ୍ତ ହେଲେ ସତ୍ୟତା ଜଣା ପଡିବ ବୋଲି ଗ୍ରାମବାସି କହିଛନ୍ତି।



ବିଦ୍ୟାଳୟ ପରିସରରୁ କଟାହୋଇଥିବା ଗଛ।

# ପିଲାଙ୍କ ପ୍ରତିଭା ପରିପ୍ରକାଶର ମାଧ୍ୟମ ବାର୍ଷିକୋତ୍ସବ

ଡାବୁଗାଁ, ୨୪।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ଯୋଗ ଦେଇ କହିଥିଲେ ଗ୍ରାମାଞ୍ଚଳର ପିଲାମାନେ ଇଂରାଜୀ ଶିକ୍ଷା କରିବା ପାଇଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ବିଦ୍ୟାଳୟ ଖୋଲାଯିବା ପରେ ବିଦ୍ୟାଳୟ ଚାଲିବା ପାଇଁ ପାଣ୍ଠିର ଆବଶ୍ୟକ ରହିଛି। ପିଲାମାନେ ସିବିଏସସି ଢାଞ୍ଚାରେ ଇଂରାଜୀରେ ପାଠ ପଢି ଭଲ ମଣିଷ ହେବେ। ବାର୍ଷିକୋତ୍ସବ ହେଉଛି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବାର ଉପଯୁକ୍ତ ସ୍ଥାନ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ଜିଲା ପରିଷଦ ସଭ୍ୟା ମାଳତୀ ମାଝୀ, ଡ଼ଙ୍ଗରିଗୁଡା ପଞ୍ଚାୟତ ସରପଞ୍ଚ ଅମ୍ବିକା ମାଝୀ, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଜି. ସାଇ ରାଜୁ, ଗୁପ୍ତ ବିଶୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧକ୍ଷ ରୁଦ୍ର କିଶୋର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା ସାମନ୍ତ, ବିଦ୍ୟୁତପ୍ରଭା ମିଶ୍ର ଓ ଶିକ୍ଷକ ରାଜେଶ ସମରଥ, ରୋହିତ ନାଗ, ଚିନ୍ମୟ ପ୍ରଧାନ, କଳାକୃଷ୍ଣ ବିଶୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ବିଧାୟକ ଭୁଜବଳ ମାଝି ଉଦ୍‌ବୋଧନ ଦେଉଛନ୍ତି।

# ଆଧ୍ୟାତ୍ମିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ନବରଙ୍ଗପୁର,୨୪।୨(ବି.ପ୍ର.)

ନବରଙ୍ଗପୁର ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦିବ୍ୟଜ୍ୟୋତି ଭବନ ସ୍ଥିତ ହାରମନି ହଲଠାରେ ଆଧ୍ୟାତ୍ମିକ ପ୍ରଶିକ୍ଷଣ ଶିବିର ରବିବାର ଉଦଘାଟିତ ହୋଇଯାଇଛି। ମୂଖ୍ୟ ଶିକ୍ଷା ବିଭାଗ ଓ ଆନ୍ନାମଲାଇ ବିଶ୍ୱବିଦ୍ୟାଳୟ ତାମିଲନାଡୁର ମିଳିତ ଆନୁକୂଲ୍ୟରେ ମୂଲ୍ୟ ଶିକ୍ଷା ଓ ଆଧ୍ୟାତ୍ମିକତା ଅନ୍ତର୍ଗତ ବିଭିନ୍ନ ପାଠ୍ୟକ୍ରମର ୪ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ମୁଖ୍ୟ ବକ୍ତା କେନ୍ଦ୍ର ସଂଚାଳିକା ଭୁବନେଶ୍ୱରର ରାଜଯୋଗୀନୀ ବ୍ରହ୍ମକୁମାରୀ ଦୁର୍ଗେସ ଭଉଣୀ, ନବରଙ୍ଗପୁର ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ବ୍ରହ୍ମକୁମାରୀ ନୀଲମ ଦିଦି, ସହକାରୀ ଜିଲାପାଳ ମଧସୂଦନ ମାଝୀ ଓ କଟକରୁ ଆସିଥିବା ରାଜ୍ୟ ସଂଯୋଗୀକା ମୂଖ୍ୟ ଶିକ୍ଷା ବିଭାଗ ବ୍ରହ୍ମକୁମାରୀ ଲିନା ଭଉଣୀ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମ କୁମାରୀ ଦୁର୍ଗେସ ସୁସ୍ଥ ସମାଜ ଗଠନରେ ମୂଲ୍ୟଶିକ୍ଷାର ଆବଶ୍ୟକତା ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ମୂଲ୍ୟ ଶିକ୍ଷା ବିଭାଗର ରାଜ୍ୟ ସଂଯୋଜୀକା ବ୍ରହ୍ମ କୁମାରୀ ଲୀନା ସାମ୍ପ୍ରତିକ ସାମାଜିକ ଓ ରାଷ୍ଟ୍ରୀୟ ପରିସ୍ଥିତିରେ ମୂଲ୍ୟ ଶିକ୍ଷାର ଆବଶ୍ୟକତା ତଥା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତି ଗୁରୁତ୍ୱାରୋପ କରିଥିଲେ। ରାଜ ଯୋଗୀନୀ ବ୍ରହ୍ମକୁମାରୀ ନୀଲମ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ୩୯ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ ଯୋଗ ଦେଇଥିଲେ। ପତଞ୍ଜଳୀ ଯୋଗ ସମିତର ଯୋଗ ପ୍ରଶିକ୍ଷକ ଶିବ ପ୍ରକାଶ ମିଶ୍ର ଆସନ, ପ୍ରାଣାୟମ ସମ୍ପର୍କିତ ଶିକ୍ଷା ପ୍ରଦାନ ସହ ପ୍ରୟୋଗାତ୍ମକ ଶିକ୍ଷା ପ୍ରଦାନ କରିଥିଲେ ଏହି କାର୍ଯ୍ୟକ୍ରମରେ ବ୍ରହ୍ମ କୁମାରୀ ନମିତା ଭଉଣୀ ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କୁଞ୍ଜ ବିହାରୀ ପାଠାଗାରରେ ଆଲୋଚନାଚକ୍ର

ନବରଙ୍ଗପୁର,୨୪।୨(ବି.ପ୍ର.)

କୁଞ୍ଜବିହାରୀ ପାଠାଗାରରେ ମାସିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷାବିତ ଡଃ. ରାଧାନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ଡକ୍ଟରେଟ ପାଇଥିବା ରଘୁନାଥ ଶତପଥିଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ଗୋପବନ୍ଧୁ ବିଷୋୟୀ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଡଃ. ଶତପଥି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାଜରେ ମାନବର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କବି କୁମୁଦ ଚନ୍ଦ୍ର ପଟ୍ଟନାୟକ ଅନ୍ୟତମ ବକ୍ତା ଭାବେ ଗୀତାର ମହତ୍ୱ ବର୍ତ୍ତମାନର ସମାଜରେ କିଭଳି ପ୍ରତିଫଳିତ ହେଉଛି ତାହା ଅବଗତ କରାଇଥିଲେ। ଡଃ. ବେହେରା ସଂସ୍କୃତି କିଭଳି ସଂସ୍କାର କରେ ତାହା ବୁଝାଇଥିଲେ। ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହୀଦଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳୀ ଜଣାଇ ଭକ୍ତିର ସଂସ୍କୃତି କବିତା ପାଠ କରାଯାଇଥିଲା। ଜଗନ୍ନାଥ ରାଓ, ବବ୍ରୁବାହନ ପାତ୍ର, ନବ କିଶୋର ପଣ୍ଡା, ଜାନବୀ ପଣ୍ଡା, ଜେମାମଣି ବିଷୋୟୀ, ମନୋରମା ମାଝୀ, ଭାରତି ବିଷୋୟୀ, ପ୍ରଭାତି ବିଷୋୟୀ, ଜଗଦିଶ ଚନ୍ଦ୍ର ତ୍ରିପାଠୀ, ଭି. ଜଗନ୍ନାଥ ରାଓ, ପର୍ଶୁରାମ ସାହୁ ଉପସ୍ଥିତ ଥିଲେ। ପାଠାଗାରର ସମ୍ପାଦକ ରଜନୀ ପାତ୍ର ଧନ୍ୟବାଦ ଦେଇଥିଲେ।

# ନବରଙ୍ଗପୁର ଜିଲା କଂଗ୍ରେସର ପୁନଃଗଠନ

ନବରଙ୍ଗପୁର,୨୪।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା କଂଗ୍ରେସର ପୁନଃ ଗଠନ କରାଯାଇଛି। ଏଥିରେ କେତେକ ବରିଷ୍ଠ ନେତାଙ୍କୁ ଗୁରୁ ଦାୟିତ୍ୱ ଦିଆଯାଇଛି। ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୪ ଜଣଙ୍କୁ ସ୍ୱତନ୍ତ୍ର ପ୍ରଭାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋକସଭାର ଜିଲାର ସ୍ୱତନ୍ତ୍ର ପ୍ରଭାରୀ ଭାବେ ତେନ୍ତୁଲିଖୁଣ୍ଟି ଲ୍ୟାମ୍ପସ ସଭାପତି ଅଖିଳ ଭଦ୍ରାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ଏମପି ସ୍ୱର୍ଗତ ଖଗପତି ପ୍ରଧାନୀଙ୍କ ନାତି ଦିଲ୍ଲୀପ କୁମାର ପ୍ରଧାନୀ, ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ପ୍ରଭାରୀ ଭାବେ ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ଉମରକୋଟ ନିର୍ବାଚନ ମଣ୍ଡଳି ପାଇଁ କମଲ ବାଛାର, ଝରିଗାଁ ନିର୍ବଚନ ମଣ୍ଡଳି ପାଇଁ ମହେଶ୍ୱର ଭଦ୍ରାଙ୍କୁ ଦାୟିତ୍ୱ ଦିଆଯାଇଛି। ଏମାନଙ୍କ ମୋବାଇଲ ନମ୍ବର ସ୍ୱତନ୍ତ୍ର ରହିବା ସହ ନିର୍ବାଚନ ମଣ୍ଡଳୀର ପରିଚାଳନା ଦାୟୀତ୍ୱ ପ୍ରଚାର ପ୍ରସାର ସହିତ ବିଭିନ୍ନ ନିର୍ବାଚନ ପ୍ରସଙ୍ଗ ଜିଲା ସଭାପତିଙ୍କ ସହ ଆଲୋଚନା କରି ପରିଚାଳନା କରିବେ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଭାବେ ତେନ୍ତୁଲିଖୁଣ୍ଟି ବ୍ଲକର ଉପସଭାପତି ଦୁଲ୍ଲଭ କନ୍ଧ ଗୌଡଙ୍କୁ ମନୋନୀତ କରାଯାଇଛି। ସମ୍ପାଦକ ଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ କପୂର ଚାନ୍ଦ ନାୟକ ଓ ରାଜ୍ୟ ଲିଗାଲ ସେଲର ଉପସଭାପତି ଭାବେ ନବରଙ୍ଗପୁର ଅଧିବକ୍ତା ତଥା ଜିଲା କଂଗ୍ରେସ ଉପସଭାପତି ଦିଲ୍ଲିପ ବେହେରାଙ୍କୁ ମନୋନୀତ କରାଯାଇଛି।

■ ରୟାଲ କପ ଟି-୨୦ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ

# ଜଗଦଲପୁର ଦଳ ବିଜୟୀ

ନବରଙ୍ଗପୁର,୨୪।୨(ଡି.ଏନ.ଏ.)

ନବରଙ୍ଗପୁର ରୟାଲ କ୍ଲବ ପକ୍ଷରୁ ରୟାଲ କପ ଟି-୨୦ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଜଗଦଲପୁର ଦଳ ଚାମ୍ପିୟନ ଆଖ୍ୟା ହାସଲ କରିଛି। ଫାଇନାଲ ମ୍ୟାଚରେ ମାଲକାନଗିରି ଓ ଜଗଦଲପୁର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଟସ ଜିତି ମାଲକାନଗିରି ପ୍ରଥମେ ବ୍ୟାଟିଂ କରିଥିଲା।୨୦ ଓଭରରେ ୧୨୬ ରନ ହାସଲ କରିଥିଲା। ଏହାର ଜବାବରେ ଜଗଦଲପୁର ଦଳ ୧୮ ଓଭର ୨ ବଲରେ ୬ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ କେ. ଅଜିତ କୁମାର ଓ ଚିତ୍ତ ରଞ୍ଜନ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଚମ୍ପିୟାନ ଦଳକୁ ଟ୍ରଫି ସହ ୩୦ ହଜାରଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଜଗଦଲପୁର ଅଭିଶେଖ ବନିକ ମ୍ୟାନ ଅଫ ଦି ମ୍ୟାଚ ହୋଇ ଥିଲେ। ମାଲକାନଗିରି ଦଳର କରନଦୀପ ସିଂ ବେଷ୍ଟ ବୋଲର, ଜଗଦଲପୁର ଦଳର ଅବଦୁଲ ଅନସ ଖାନ ମ୍ୟାନ ଅଫ ଦି ସିରିଜ ଭାବେ ଟ୍ରଫି ହାସଲ କରିଥିଲେ। କ୍ଲବର ସଭାପତି ତଥା ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପିସିସି ସଭାପତି ମୁନା ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶିବରାମ ରାଜୁ , ଉପସଭାପତି ଅଶୋକ ଦାଶ, ଅଶ୍ୱିନୀ ଦାଶ, ଚିତ୍ତ ରଂଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ନାୟକ, ଉତ୍ତମ ନାୟକ, ଦେବେନ୍ଦ୍ର ସାହୁ, କୋଷାଧକ୍ଷ ଜନାବ ସାଜେଦ ଉଲ୍ଲାଖାନ, ଉପଦେଷ୍ଟା ପି. ଜୀବନ ରାମ, ହୃଷିକେଶ ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ରଥ, ଅଭିଶେଖ ଦାଶ, ଅନିଲ ବେହେରା, ସତ୍ୟପ୍ରିୟ ଗନ୍ତାୟତ, ନରେଶ ମହାକୁଡ, ରମେଶ ପାଣିଗ୍ରାହୀ, ଅନନ୍ତ ପଣ୍ଡା, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ମନୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

# ବେଲଗାଁରେ ଖୋଲିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

■ ଝରିଗାଁରେ ପାନୀୟ ଜଳଯୋଗାଣ ପାଇଁ ହେବ ମେଗା ପ୍ରୋଜେକ୍ଟ

ଝରିଗାଁ, ୨୪।୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ରବିବାର ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ପ୍ରଧାନମନ୍ତ୍ରୀ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ପକ୍କା ରାସ୍ତା ଓ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବେଲଗାଁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଶୁଭାରମ୍ଭ କରିଥିଲେ। ଫୁଫୁଗାଁ ଆରଡି ରାସ୍ତା ଠାରୁ ବାରବାକୁଲି ଗ୍ରାମ ପର୍ଯ୍ୟନ୍ତ୧ କୋଟି ୮୮ଲକ୍ଷ ୪୬ ହଜାର ଟଙ୍କା ଅଟକଳ ମୂଲ୍ୟରେ ୪.୭ କିମି ଦୂରତାର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପକ୍କାରାସ୍ତା କରାଯିବା ନେଇ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୁରୁସିଙ୍ଗା ଗ୍ରାମ ପଞ୍ଚାୟତର କୁସୁମି ଆରଡି ରାସ୍ତା ଠାରୁ ଡାବାଗୁଡା ଗ୍ରାମ ପର୍ଯ୍ୟନ୍ତ ୯୯ ଲକ୍ଷ ୧୮ ହଜାର ଟଙ୍କା ଅଟକଳ ମୂଲ୍ୟରେ ୨.୭୮ କିମି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପକ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଡାବାଗୁଡା ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମନ୍ତ୍ରୀ ବେଲଗାଁ ଠାରେ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ବେଲଗାଁ ପଞ୍ଚାୟତ ସଦର ଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଏଥିସହ ୪୫ ଲକ୍ଷ ଅଟକଳ ମୂଲ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ସକାଶେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ବେଲଗାଁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେବାଦ୍ୱାରା ଝରିଗାଁ ବ୍ଲକର ବେଲଗାଁ ସମେତ ଚିତାବେଡା, ଭିକ୍ଷା, ରତାଖଣ୍ଡିଗୁଡା, ତେଲନଦୀ, ଏକମ୍ବା, କାନାକୋଟ, ଝରିଗାଁ, ବାଣୁଆଗୁଡା ଆଦି ଗ୍ରାମ ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ସେହିପରି ବେଲଗାଁରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ନେଇ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ସୂଚନା ଦେଇଥିଲେ। ଏଣୁ ଆଗାମୀ ସପ୍ତାହ ମଧ୍ୟରେ ବେଲଗାଁ ଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲାଯିବା ନେଇ ମନ୍ତ୍ରୀ କହିଥିଲେ। ଏପରିକି ଝରିଗାଁ ବ୍ଲକରେ ସମସ୍ତ ପଞ୍ଚାୟତରେ ପାନୀୟ ଜଳର ଦୂରୀକରଣ ସକାଶେ ଝରିଗାଁ ଠାରେ ପାନୀୟ ଜଳ ଯୋଗାଣ ସକାଶେ ପ୍ରାୟ ୨ ଶହ କୋଟି ଟଙ୍କା ଅଟକଳର ମେଗା ପ୍ରୋଜେକ୍ଟ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ନେଇ ମନ୍ତ୍ରୀ ବେଲଗାଁ ଠାରେ ଆୟୋଜିତ ସଭାରେ କହିଥିଲେ। ଏହାପରେ ମନ୍ତ୍ରୀଙ୍କ ଦ୍ୱାରା ଧାମନାଗୁଡା ଠାରୁ ଚାରଗାଁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପକ୍କା ରାସ୍ତା , ରତାଖଣ୍ଡିଗୁଡା ଗ୍ରାମ ଠାରୁ ଗୋଇଧମାଲ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ରତାଖଣ୍ଡିଗୁଡା ଗ୍ରାମ ଠାରୁ ବୁଆଲିବେଡା ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କରାଯିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ମନ୍ତ୍ରୀଙ୍କ ଗସ୍ତ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମୁଳା ଗଣ୍ଡ, ଉପାଧ୍ୟକ୍ଷା ମଞ୍ଜୁଳତା ପନକା, ବିଜେଡି ବ୍ଲକ ସଭାପତି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଂଜନ ଦାସ, ଜିଲ୍ଲା ପରିଷଦ ସଭ୍ୟ ମୋହନ ନାୟକ, ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ବେଲଗାଁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଶୁଭାରମ୍ଭ ଉତ୍ସବରେ ଏଡିଏମଓ(ଲେପ୍ରୋସି) ଡାକ୍ତର ଶୁକାନ୍ତ ଶତପଥି, ଡାକ୍ତର ସିମନା ଗଣ୍ଡ, ଡାକ୍ତର ଆଶୁତୋଷ ମିଶ୍ର, ଡାକ୍ତର ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



ବେଲଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ସକାଶେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଶୁଭାରମ୍ଭର ସିଧାପ୍ରସାରଣ

**କାଲିମେଲା,୨୪।୨(ଡି.ଏନ.ଏ):** ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶ ଗୋରଖପୁରଠାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ଶୁଭାରମ୍ଭ କରିଛନ୍ତି ।ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ଖେଳ ପଡିଆଠାରେ ହୋଇଥିଲା। କାଲିମେଲା ଭାଜପା ମଣ୍ଡଳ ସଭାପତିଙ୍କ ତତ୍ୱାବଧାନରେ ଜିଲାର ପୋଟେରୁ କାଲିମେଲା, ବେଜାଙ୍ଗିବାଡା, ପଡିଆ,ଏମଭି-୭୯, ମୋଟୁ ଆଦି ସ୍ଥାନର ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ମୋଦିଙ୍କ ଏହି କାର୍ଯ୍ୟକ୍ରମ ଦେଖିଥିଲେ। ଜିଲା ପରିଷଦ ଜୋନ -୨ର ସଭ୍ୟ ଉତ୍ତମ ରାୟ, ଜୋନ-୧ର ସଭ୍ୟ ତଥା ଜିଲା ସମ୍ପାଦକ ସମିର ମିସ୍ତ୍ରୀ, ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ,ଜିଲା ପୂର୍ବତନ ସଭାପତି ଆଦିତ୍ୟ ମାଢ଼ି, ପଡିଆ ଜିଲା ପରିଷଦ ସଭ୍ୟା ଜୋତିକା ମାଦକାମି, ମାନିକଲାଲ ଚକ୍ରବର୍ତ୍ତୀ, ସପନ ରାୟ, ଗଙ୍ଗାଧର ସୋଡି, ଶିଖପାଲି ମଣ୍ଡଳର ଦେବୀ ମାଢ଼ି, ଜିଲା ନିର୍ବାଚନ ବିସ୍ତାରକ ଗଣେଶ ମଣ୍ଡଳ, ବିସିକେଶନ ଦାସ, ନାରାୟଣ ମଣ୍ଡଳ, ଅବଦୁତ ଦୁର୍ଗା ପ୍ରସାଦ, ବାଦଲ ପାଣିଗ୍ରାହୀ, ସରପଞ୍ଚ ବଜା ମାଡକାମି, ପରିତୋଷ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

**ମାଥିଲି , ୨୪।୨ (ଡି.ଏନ.ଏ) :** ମାଥିଲି ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶହୀଦ ରଞ୍ଜିତ ମହାରଣା ୟୁଥ ମାସ୍ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା । ଏଥିରେ ମେଡିକାଲର ଡାକ୍ତର, କର୍ମଚାରୀ, ସରପଞ୍ଚ ଗୌରୀ ବଟେଙ୍କ ସମେତ ୟୁଥ ମାସ୍ର ସଦସ୍ୟ ସାମିଲ ହୋଇଥିଲେ ।

■ ଆଇନ ସଚେତନତା ସମ୍ମିଳନୀ

# ବୃକ୍ଷ ଲଗାଇବାକୁ ଦେଲେ ପରାମର୍ଶ

**ମାଲକାନଗିରି,୨୪।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରବିବାର ଏକ ଆଇନ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଅଂଶଗ୍ରହଣ କରି ଆଇନ ସେବା ଏବଂ ଗରିବ ଲୋକଙ୍କ ପାଇଁ କି ବ୍ୟବସ୍ଥା ସବୁ ରହିଛି ସେ ନେଇ ଜ୍ଞାନ ଆହରଣ କରିଛନ୍ତି। ଦଣ୍ଡକାରଣ୍ୟ ପଡିଆରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ବିଚାରପତି କୁମାରୀ ସଞ୍ଜୁ ପଣ୍ଡା, ଉଚ୍ଚ ନ୍ୟାୟାଳୟର ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଦେବାଶିଷ ନାୟକ, ରାଜ୍ୟ ଆଇନ ସେବା ସଚିବ ଦୀପକ କୁମାର ସାହୁ, ଜିଲାଜଜ୍ ରୋହିତ ଲାଲ ପଣ୍ଡା, ଅତିରିକ୍ତ ଜିଲାଜଜ୍ ପ୍ରଜ୍ଞା ନଳିନୀ ମିଶ୍ର, ଜିଲାପାଳ ମନୀଷ ଅଗ୍ରୱାଲ, ଏସପି ଜଗମୋହନ ମିନା, ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଡିଏଫଓ ପ୍ରତୀକ୍ ଦେବଦାସ ନିରାଶ ଯୋଗଦେଇଥିଲେ । ଜିଲା ଆଇନ ସେବା ସଚିବ ଅମରେଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟ ଉଚ୍ଚ ନ୍ୟାୟାଳୟର ସଦସ୍ୟ ସଚିବ ଦେବାଶିଷ ନାୟକ ସ୍ୱାଗତ ସୂଚନା ଦେଇ ଏପରି ଆଇନ ସଚେତନତା ଶିବିରର ଆବଶ୍ୟକତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନାରେ ଗରିବ ଲୋକେ ସେମାନଙ୍କ ପ୍ରାପ୍ୟ ପାଇବା, ଶ୍ରମିକ କଲ୍ୟାଣ, ଶିକ୍ଷା, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଶ୍ରମିକମାନଙ୍କ ପାଇଁ କ'ଣ ବ୍ୟବସ୍ଥା କରିଛନ୍ତି, ଆଗାମୀ ଦିନରେ ଯୋଜନାଗୁଡିକ କିପରି ସଫଳ ହେବ ସେ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଯୋଗଦେଇ ଆଇନସେବା ପ୍ରାଧିକରଣର କର୍ତ୍ତବ୍ୟ ଏବଂ ଗରିବ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ସାଧାରଣ ଲୋକେ କିପରି ଉପକୃତ ହେଉଛନ୍ତି ସେ ନେଇ ପ୍ରାଧିକରଣର ରହିଥିବା ବିଭିନ୍ନ ଧାରା ଉପରେ ବକ୍ତବ୍ୟ ରଖିଥିଲେ । ଜିଲାରେ ପରିବେଶ ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ଅଧିକ ବୃକ୍ଷରୋପଣ କରିବାକୁ ଡିଏଫଓଙ୍କୁ ପରାମର୍ଶ ଦେଇଥିଲେ। ଏସପି ଜଗ ମୋହନ ମିନା ନିକଟରେ ଘଟିଥିବା କଶ୍ମୀର ଶହୀଦ ଯବାନଙ୍କ ବଳିଦାନ ଏବଂ ମାଲକାନଗିରି ଜିଲାରେ ବିଏସଏଫ, ଡିବିଏଫ, ଏସଓଜି ଓ ପୋଲିସ କର୍ମଚାରୀଙ୍କ ଶହୀଦ ପରିବାରଙ୍କୁ ସ୍ମରଣ କରିଥିଲେ। ସେମାନଙ୍କ ବଳିଦାନ ଯୋଗୁ ମାଲକାନଗିରି ଜିଲାରେ ଶାନ୍ତିର ବାତାବରଣ ଫେରି ଆସିଛି। ଫଳରେ ଜିଲାରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ହେଉଥିବା ସମାବେଶରେ ଲୋକେ ନିର୍ଭୟରେ ଯୋଗଦେଇପାରୁଛନ୍ତି। ପୋଲିସ ସବୁ ସମୟରେ ଗରିବ ଲୋକଙ୍କ ପଛରେ ଜାଗ୍ରତ ପ୍ରହରୀ ଭାବେ ରହିଛି ବୋଲି କହିଥିଲେ। ଜିଲାପାଳ ଅଗ୍ରୱାଲ ମାଲକାନଗିରି ଜିଲାରେ କାର୍ଯ୍ୟରତ ୩୦ଟି ବିଭାଗ ଦ୍ୱାରା ଗରିବ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଇଟିଡିଏ ପି.ଏ. ରାମକୃଷ୍ଣ ଗଣ୍ଡ ଜିଲାରେ ଅନୁସୂଚିତ ଜାତି ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷା, ମାଗଣାରେ ରହିବା, ଖାଇବା ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ସରକାର ବହନ କରିଛନ୍ତି। ଗରିବ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ଆର୍ଥିକ ଉନ୍ନତି କରାଯାଇଛି ବୋଲି ସେ କହିଥିଲେ। ପରେ ଜଷ୍ଟିସ ପଣ୍ଡା ଚାଲାଣଗୁଡା ପଞ୍ଚାୟତର ଶାନ୍ତିଲତା ଦୁରୁଆଙ୍କୁ ପଞ୍ଚାୟତର ଉନ୍ନତି ପାଇଁ ୧୫ ଲକ୍ଷ, ତଣ୍ଡାପାଲି ପଞ୍ଚାୟତକୁ ୧୫ ଲକ୍ଷ, ଭବାନୀ ସୁନିଙ୍କ ବିବାହ ପାଇଁ ଶ୍ରମ ବିଭାଗ ପକ୍ଷରୁ ୨୫ ହଜାର, ଚନ୍ଦ୍ର ଭୂମିଆଙ୍କ ଶିକ୍ଷା ପାଇଁ ୫ ହଜାର, ଗଙ୍ଗା ମାଢ଼ିଙ୍କୁ କୃଷି ପ୍ରୋତ୍ସାହନ ପାଇଁ ୧୫ ହଜାର, ରିତୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ହଜାର, ମୁକୁନ୍ଦ ପଡିଆମିଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ଖୋଲିଥିବା ଷ୍ଟଲ ସେ ବୁଲି ଦେଖିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଜିଲାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।


ଆଇନ ସଚେତନତା କାର୍ଯ୍ୟକ୍ରମରେ ଜଷ୍ଟିସ୍ ସଞ୍ଜୁ ପଣ୍ଡାଙ୍କ ସହ ଅନ୍ୟମାନେ।

■ ୩୦ ବିଭାଗ ଖୋଲିଥିଲେ ଷ୍ଟଲ
■ ବିଭିନ୍ନ ସାମଗ୍ରୀ ବଣ୍ଟନ
■ ଆଇନସେବା ସମ୍ପର୍କରେ ବକ୍ତବ୍ୟ ରଖିଲେ ଜଷ୍ଟିସ ପଣ୍ଡା

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବାଲିମେଲା, ୨୪।୨ (ଡି.ଏନ.ଏ)**

ବାଲିମେଲା ଏନଏସିସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଦିଲୀପ କୁମାର ଓଝାଙ୍କ ତତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ସମ୍ମାନିତ ଅତିଥି ରୂପେ ଅରବିନ୍ଦ ପାଠଚକ୍ରର ଜିଲା ସଂଯୋଜକ ବିଜୟାନନ୍ଦ ଦାସ ମୁଖ୍ୟବକ୍ତା, ବାଲିମେଲା ଜଳ ବିଦ୍ୟୁତ୍ ପ୍ରକଳ୍ପର ଜିଏମ ବିରଞ୍ଚି ନାରାୟଣ ଶତପଥୀ, ଏନଏସି ଅଧ୍ୟକ୍ଷା ଲକ୍ଷ୍ମୀ ପାଙ୍ଗି ଯୋଗଦେଇ ଆଧ୍ୟାତ୍ମିକ, ଚରିତ୍ରବାନ ଶିକ୍ଷାଦାନରେ ଏହି ଶିକ୍ଷାନୁଷ୍ଠାନ ସଙ୍କଳ୍ପବଦ୍ଧ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ସାହୁ ବିବରଣୀ ପାଠ କରିଥିଲେ।






■ ମାସକର ଘଟଣା, ଏବେ ଖୋଲିଛି ଗୁମର

# ଛାତ୍ରଙ୍କ ହାତରେ ଚୂନ ମରାଇ ଅଡୁଆରେ ପ୍ରଧାନଶିକ୍ଷକ

**ମାଥିଲି, ୨୪।୨ (ସ୍ୱ.ପ୍ର.)**

■ ବିଦ୍ୟାଳୟ ପାଚେରି ରଙ୍ଗ କରାଉଥିଲେ
■ ସିଆରସିସି ଜାଣି ମଧ ନେଇନାହାନ୍ତି କାର୍ଯ୍ୟାନୁଷ୍ଠାନ
■ ବିଇଓ କହିଲେ ଘଟଣାର ତଦନ୍ତ ହେବ

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କଂସାରିପୁଟ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଛାତ୍ରମାନଙ୍କ ଦ୍ୱାରା ଚୂନ ମରାଇ ଏବେ ଅଡୁଆରେ ପଡିଛନ୍ତି। ଛାତ୍ରମାନଙ୍କୁ କାମ କରାଇବା ଫଟୋ ଏବେ ମୋବାଇଲକୁ ମୋବାଇଲ ଘୂରି ବୁଲୁଛି ।ଏହା ପ୍ରଧାନଶିକ୍ଷକଙ୍କ ପାଇଁ ପ୍ରମାଣ ସ୍ୱରୂପ କାମ କରୁଛି। ମିଳିଥିବା ଖବରରୁ ଜଣାପଡିଛି ବିଦ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ମିଳିଥିବା ଅନୁଦାନ ଅର୍ଥରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବେହେରା ବିଦ୍ୟାଳୟ ପାଚେରିକୁ ରଙ୍ଗ କରାଉଥିଲେ । ଏହି କାର୍ଯ୍ୟରେ କୌଣସି ଶ୍ରମିକଙ୍କୁ ନ ଲଗାଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଙ୍କ ଦ୍ୱାରା ଚୂନମରା କାର୍ଯ୍ୟ କରାଉଥିଲେ । ସମ୍ପୃକ୍ତ ଛାତ୍ରମାନଙ୍କୁ କିଛି ଅର୍ଥ ଦେବାର ପ୍ରଲୋଭନ ଦେଖାଇବାରୁ ଛାତ୍ରମାନେ ବିଦ୍ୟାଳୟ ପାଚେରିରେ ରଙ୍ଗ ଦେଉଥିଲେ। ଏହି ସମୟରେ କିଛି ଲୋକ ଏହାକୁ କ୍ୟାମେରାରେ ଉଠାଇ ନେଇଥିଲେ। ଏହି ଘଟଣା ପରେ ପ୍ରଧାନଶିକ୍ଷକ ବେହେରା ଏବେ ଅଡୁଆରେ ପଡିଯାଇଛନ୍ତି। ଘଟଣାକୁ ଲୁଚାଇବା ପାଇଁ ଛାତ୍ର ଓ ସମ୍ପୃକ୍ତ ଯୁବକମାନଙ୍କୁ କିଛି ଅର୍ଥ ଦେବାକୁ ପ୍ରଲୋଭିତ କରାଇ ଏହା ପ୍ରଘଟ ନ କରିବାକୁ ପ୍ରଧାନଶିକ୍ଷକ ଅନୁରୋଧ କରିଥିବା କୁହାଯାଉଛି । ଘଟଣାଟି ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏଥିପ୍ରତି ସମ୍ପୃକ୍ତ ସିଆରସିସି ଅବଗତ ରହି ମଧ ଉପରସ୍ତର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି ଅବଗତ କରାଇ ନ ଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଫଳରେ ସିଆରସିସିଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ବେହେରାଙ୍କୁ ପଚାରିବାରୁ ସେ ଛାତ୍ରଙ୍କ ଦ୍ୱାରା ଚୂନ ମରାଇଥିବା ସ୍ୱୀକାର କରିବା ସହିତ ଆଉ ଏମିତି ଭୁଲ ହେବନାହିଁ ବୋଲି କହିଛନ୍ତି । ବିଇଓ ଗୌରୀଶଙ୍କର ଦାସଙ୍କୁ ଏନେଇ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ



ରାୟଗଡା ଅଫିସ୍, ୨୪।୨: ରାୟଗଡା ସତ୍ସଙ୍ଗ ବିହାର ଆନୁକୂଲ୍ୟରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ପାଳନ କରାଯାଇଛି। ରବିବାର ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ଶ୍ରୀ ଠାକୁରଙ୍କ ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା। ପରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ରଥରେ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ଦିନ ୧୨ଟାରେ ସତ୍ସଙ୍ଗ ଓ ସଦାଲୋଚନା ଆରମ୍ଭ ହୋଇଥିଲା। ଏହି ସତ୍ସଙ୍ଗରେ ଭୁବନେଶ୍ୱରରୁ ଆଗତ ପ୍ରକାଶ କୁମାର ଶତପଥୀ ଠାକୁରଙ୍କ ଭାବଧାରା ବିଷୟରେ ଆଲୋକପାତ କରିଥିଲେ। ଦେବରାଜ ମଲ୍ଲିକ ଏହା ପରିଚାଳନା କରିଥିଲେ। ଜିଲାର ସମସ୍ତ ଅଞ୍ଚଳରୁ ଗୁରୁ ମା' ଓ ଭାଇମାନେ ଯୋଗ ଦେଇଥିଲେ।

### ସନ୍ଦେହଜନକ ଭାବେ ପଡ଼ିରହିଛି ବୋଲେରୋ



ପାରଳାଖେମୁଣ୍ଡି, ୨୪।୨(ସ୍ୱ.ପ୍ର.) ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ବେତାଗୁଡା ରାସ୍ତାର ଏକ ନିର୍ଜନ ତଥା ଜଙ୍ଗଲିଆ ସ୍ଥାନରେ ଦୀର୍ଘଦିନ ହେଲା ସନ୍ଦେହଜନକ ଭାବେ ଗୋଟିଏ ନାଲିରଙ୍ଗର ବୋଲେରୋ ପଡ଼ିରହିଛି। ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଏହି ଗାଡ଼ିକୁ ଏଠାରେ କିଏ ଓ କାହିଁକି ଏଭଳି ଭାବେ ଛାଡ଼ିଦେଇ ଚାଲିଯାଇଛନ୍ତି ସେନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କିମାରିଛି। ପୋଲିସ ପକ୍ଷରୁ ଏହାର ତଦନ୍ତ କରାଗଲେ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

### ମହେନ୍ଦ୍ରଗିରିର ସୁରକ୍ଷା, ବିକାଶ ପାଇଁ ଦାବି

ପାରଳାଖେମୁଣ୍ଡି, ୨୪।୨(ସ୍ୱ.ପ୍ର.): ଗଜପତି ଜିଲା ରାୟଗଡ ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳୀ ତଥା ଐତିହ୍ୟସମ୍ପନ୍ନ ମହେନ୍ଦ୍ରଗିରି ପର୍ବତର ସୁରକ୍ଷା ଓ ବିକାଶ ପାଇଁ ଜନସାଧାରଣରେ ଦାବି କରାଯାଇଛି। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସୁଥିବାବେଳେ ପ୍ରତିବର୍ଷ ମହାଶିବରାତ୍ରୀ ଅବସରରେ ବିରାଟ ମେଳା ବସେ। ତେବେ ଗମନାଗମନ ସମସ୍ୟା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିବରାତ୍ରୀ ଅବସରରେ ଶ୍ରଦ୍ଧାଳୁମାନେ କଇଁପୁର-ବୁରୁଖତଠାରୁ ରାତିସାରା ଚାଲିଚାଲି ମହେନ୍ଦ୍ର ପର୍ବତ ଶିଖରରେ ପହଞ୍ଚିଥାନ୍ତି। ସେଠାରେ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ ଦେଖି ଆନନ୍ଦ ଅନୁଭବ କରିଥାନ୍ତି। ପୌରାଣିକ ତଥ୍ୟ ଅନୁଯାୟୀ, ପାଣ୍ଡବମାନେ ବନବାସ ଓ ଅଜ୍ଞାତବାସ ବେଳେ ଏହି ପର୍ବତରେ କିଛିଦିନ ରହିଥିଲେ। ତେଣୁ ସେଠାରେ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ଭୀମ ମନ୍ଦିର ଆଦି ଏଭଳି ୫ଟି ମନ୍ଦିର ରହିଛି। ସେଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇପାରୁନାହିଁ। ଏହି ପର୍ବତରେ ବିଭିନ୍ନ ପ୍ରକାର ଔଷଧୀୟ ଗଛ, ଚେରମୂଳି, ଜଡିବୁଟି ଇତ୍ୟାଦି ଭରପୂର ହୋଇ ରହିଛି। ସେହି ଅଞ୍ଚଳର ଆଦିବାସୀ ଓ ଗରିବ ଲୋକେ ଏଠାରୁ ବନ୍ୟଜାତ ସାମଗ୍ରୀ ସଂଗ୍ରହ କରି ତାକୁ ବିକି ଅର୍ଥ ଉପାର୍ଜନ ସହ ନିଜ ପରିବାର ପ୍ରତିପୋଷଣ କରନ୍ତି। ମହେନ୍ଦ୍ରଗିରି ବିକାଶ ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଯଦି ଉପଯୁକ୍ତ ରାସ୍ତାଘାଟ ନିର୍ମାଣ କରାଯାଆନ୍ତା ଭବିଷ୍ୟତରେ ଏହା ଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ପାଲଟନ୍ତା ବୋଲି ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏ ଦିଗରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ପ୍ରତିବର୍ଷ ବାର୍ଷିକ ବଜେଟ୍‌ରେ ଏଥିଲାଗି ବ୍ୟୟ ବରାଦ କରିବାକୁ ସେମାନେ ଦାବି କରିଛନ୍ତି। ଆଗକୁ ମହାଶିବରାତ୍ରୀ ଆସୁଥିବାରୁ ଜନସାଧାରଣ ଯେପରି ସୁରୁଖୁରୁରେ ଯାତାୟତ କରିପାରିବେ ଓ ସେମାନଙ୍କ ଖାଦ୍ୟ ପାନୀୟ ଇତ୍ୟାଦିର କୌଣସି ବ୍ୟତିକ୍ରମ ନ ହେବ ସେଥିପ୍ରତି ପ୍ରଶାସନ ଅଧିକ ଦୃଷ୍ଟି ଦେବା ଉଚିତ ବୋଲି ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ପ୍ରତିଷ୍ଠାର ୧୫ ବର୍ଷ ପରେ ବି ହେଉନି କାର୍ଯ୍ୟକ୍ଷମ

ରାୟଗଡା ଅଫିସ, ୨୪।୨

**ରାୟଗଡ଼ା କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର**



ଆଦିବାସୀ ବହୁଳ ଅଞ୍ଚଳ ଲୋକମାନଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟରେ ରାଜ୍ୟ ସରକାର ରାୟଗଡ଼ା ଜିଲାରେ ଦୁଇଟି କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। କିନ୍ତୁ ରାୟଗଡ଼ା ସଦରମହକୁମାସ୍ଥିତ ଉତ୍ପାଦନ କେନ୍ଦ୍ରଟି କାର୍ଯ୍ୟକ୍ଷମ ନ ହେବାରୁ ତାହା ଜରାଜୀର୍ଣ୍ଣ ହୋଇଛି। ଯେଉଁ ଲକ୍ଷ୍ୟ ନେଇ କେନ୍ଦ୍ର ସ୍ଥାପନ କରାଯାଇଥିଲା ତାହା ଫେଲ୍ ମାରିଛି।

ବର୍ଷ ବର୍ଷ ଧରି ଓଡିଶା ମାଛ, କୁକୁଡା ଓ ଅଣ୍ଡା ପାଇଁ ପଡୋଶୀ ଆନ୍ଧ୍ର ଏବଂ ଛତିଶଗଡ଼ ଉପରେ ନିର୍ଭର କରୁଛି। ପଡୋଶୀ ରାଜ୍ୟରେ ଏ ସବୁ ଉତ୍ପାଦନ ବୃଦ୍ଧି ପାଉଥିବାରୁ ସେଠାକାର ଲୋକେ ନିଯୁକ୍ତି ସୁଯୋଗ ପାଇବା ସହ ସେମାନଙ୍କ ଅର୍ଥନୀତି ଅଭିବୃଦ୍ଧି ହେଉଛି। ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧି ପାଉଛି। କୁକୁଡା ଓ ଅଣ୍ଡା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର ନ କରି ଏଠାରେ ହିଁ ଏହାର ଉତ୍ପାଦନ ଓ ଲୋକଙ୍କୁ ରୋଜଗାରକ୍ଷମ କରାଇବା ଲକ୍ଷ୍ୟରେ ଓଡିଶା ସରକାର ପଶୁ ସମ୍ପଦ ବିଭାଗ ଜରିଆରେ ବିଭିନ୍ନ ଜିଲାରେ କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ତିଆରି କରିଥିଲେ। ଏହି କ୍ରମରେ ୨୦୦୩ରେ ରାୟଗଡ଼ା ଜିଲା ସଦର ମହକୁମା ଓ ଗୁଣପୁରରେ ଦୁଇଟି କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୀର୍ଘ ୧୫ବର୍ଷ ପରେ ମଧ୍ୟ ରାୟଗଡା ଜିଲା ସଦର ମହକୁମାସ୍ଥିତ ଏହି କେନ୍ଦ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ପାରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏଥିପ୍ରତି ଜିଲା ପ୍ରଶାସନ କିମ୍ବା ପ୍ରାଣୀ ବିଭାଗ କୌଣସି ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ରରେ ପ୍ରାୟ ୫୦ଲକ୍ଷ ଟଙ୍କାର ବିଭିନ୍ନ ଉପକରଣ ୧୫ ବର୍ଷ ଧରି ଖତ ଖାଉଛି। ଏହି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀମାନେ ୧୫ବର୍ଷ ହେଲା ଦରମା ନେଉଛନ୍ତି। ଗୁଣପୁର ଠାରେ ଠିକ୍ ସେହି ସମୟରେ ସ୍ଥାପନ ହୋଇଥିବା କୁକୁଡା ଚିଆଁ କେନ୍ଦ୍ର ଚାଲିଥିବାବେଳେ କେଉଁ କାରଣରୁ ଜିଲା ସଦର ମହକୁମାରେ ଥିବା ଏହି କେନ୍ଦ୍ର ବନ୍ଦ ପଡିଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ରାୟଗଡା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳଙ୍କ ସହ ଯୋଗାଯୋଗ କରିବାରୁ ସେ ପ୍ରକାଶ କହିଛନ୍ତି ଯେ, ସେହି କେନ୍ଦ୍ର ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଗତବର୍ଷ ଏଠାରୁ ବଦଳି ହେବାପରେ କର୍ମଚାରୀ ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେବେ ଏହା କିପରି କାର୍ଯ୍ୟକ୍ଷମ ହେବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ। ଏଠାରେ ପ୍ରଶ୍ନଉଠେ ୨୦୦୩ମସିହାରୁ ୨୦୧୭ମସିହା ପର୍ଯ୍ୟନ୍ତ ଏହି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ କେଉଁ କାରଣରୁ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଇଲେ ନାହିଁ। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ଏହି କୁକୁଡା ଚିଆଁ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଏବଂ ଏହି କେନ୍ଦ୍ର ସମ୍ବନ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଡାକ୍ତରଖାନାରେ ବିଚାରାଧୀନ କଏଦୀ ମୃତ

ଗୁଣପୁର,୨୪।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଜେଲର ଜଣେ ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ରାଧାଦେଇପୁର ଗ୍ରାମର ମଧୁସୂଦନ ଗନ୍ତାୟତ। ମଧୁସୂଦନଙ୍କ ଦେହଖରାପ ଥିବାରୁ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକ ରବିବାର ଗୁଣପୁର ପହଞ୍ଚିବା ପରେ ମଧୁସୂଦନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରେ ମୃତଦେହ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ମାଜିଷ୍ଟ୍ରେଟଭାବେ ପଦ୍ମପୁର ତହସଲିଦାର ନୀଳ ମାଧବ ମାଝି ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗଞ୍ଜେଇ ଚୋରା ଚାଲାଣ ମାମଲାରେ ୨୦୧୬ ଜୁଲାଇ ୨୧ରେ ମଧୁସୂଦନଙ୍କୁ ଗିରଫ କରାଯାଇଥିଲା। ସେ ଗୁଣପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଦେହ ଖରାପ ରହୁ ଥିବାରୁ ଅନେକ ଥର ମଧୁସୂଦନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ଶନିବାର ରାତ୍ରରେ ପୁଣି ସେ ଅସୁସ୍ଥ ହେବାରୁ ମଧୁସୂଦନଙ୍କୁ ଗୁଣପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ସାହୁ କହିଛନ୍ତି।



ଠାକୁରାଣୀ ମନ୍ଦିରରେ ବରିଷ୍ଠ ନାଗରିକଙ୍କ ସମୂହ ଦୀପଦାନ।

# ଶହୀଦଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ

ଗୁଣପୁର,୨୪।୨(ଡି.ଏନ୍.ଏ.)

ପୁଲୱାମା ଆତଙ୍କବାଦୀ ବିସ୍ଫୋରଣରେ ଶହୀଦ ସିଆରପିଏଫ ଯବାନଙ୍କ ଏକାଦଶାହ ଅବସରରେ ରବିବାର ରାୟଗଡା ଜିଲା ଗୁଣପୁରରେ ଦୀପଦାନ କାର୍ଯ୍ୟକ୍ରମ କରାଯାଇଥିଲା। ସହରର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ବାଘୁଆ ଦେଉଳରେ ଶହୀଦଙ୍କ ଆତ୍ମାର ସଦ୍‌ଗତି ପାଇଁ ଏହି ଦୀପଦାନ କରାଯାଇଛି। ଏହାପରେ ବରିଷ୍ଠ ନାଗରିକମାନେ ଶାନ୍ତି ଶୋଭାଯାତ୍ରା କରି ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମଧ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ନୀରବ ପ୍ରାର୍ଥନା କରାଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ରଥ, ଉପଦେଷ୍ଟା ତ୍ରିନାଥ ମହାପାତ୍ର, ହରିଶ୍ଚନ୍ଦ୍ର ପଣ୍ଡା, ନୀଳମାଧବ ପାଢୀ, କୃଷ୍ଣଚନ୍ଦ୍ର ମହାକୁଡ, ତ୍ରିନାଥ ତ୍ରିପାଠୀ, ସୀମାଞ୍ଚଳ କର, ସମ୍ପାଦକ ବି.ଲକ୍ଷ୍ମୀ ନାରାୟଣଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

■ ମନକ୍‌କୀ ବାତ୍ ଶୁଣିଲେ ମାଙ୍କଡ଼ଝୋଲା, ତୁମ୍ବିଗୁଡ଼ାବାସୀ

# ବିର୍ସା ମୁଣ୍ଡାଙ୍କୁ ମନେପକାଇଲେ ପ୍ରଧାନମନ୍ତ୍ରୀ

ରାୟଗଡା ଅଫିସ୍, ୨୪।୨



ମାଙ୍କଡଝୋଲାବାସୀ ମନ୍‌କୀ ବାତ୍ ଶୁଣୁଛନ୍ତି।

ରାୟଗଡା ମାଙ୍କଡ଼ଝୋଲା ଓ ତୁମ୍ବିଗୁଡ଼ା ଅଞ୍ଚଳବାସୀ ପ୍ରଧାନମନ୍ତ୍ରୀଙ୍କ ମାସିକ କାର୍ଯ୍ୟକ୍ରମ ମନ୍‌କୀ ବାତ୍ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶହୀଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଦେଶ ପାଇଁ ଯୁବକଙ୍କ ବଳିଦାନକୁ ପ୍ରଶଂସା କରି ବିର୍ସା ମୁଣ୍ଡାଙ୍କୁ ଭଗବାନ ଆକାରରେ ବର୍ଣ୍ଣନା କରିଥିଲେ। ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ବଳିଦାନ, ପାହାଡ କାଟି ରାସ୍ତା ବନେଇବା କଥା ପ୍ରଧାନମନ୍ତ୍ରୀ କହିଥିଲେ। ପରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ସହ ଅନ୍ୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି କାଳୀରାମ ମାଝି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଜତ ମାଦଲା, ନଗର ସଭାପତି ଏମ୍.ରାମ୍ମାରାଓ, ନଗର ଆଦିବାସୀ ମୋର୍ଚ୍ଚା ସଭାପତି ମାଉଳୀ ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳକ ଛାତ୍ର ନିଖୋଜ ଅଭିଯୋଗ

ମୁନିଗୁଡ଼ା, ୨୪।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅଧୀନ ଏମ୍.ପାତ୍ରଗୁଡା ଗ୍ରାମର ଦୁର୍ଯ୍ୟୋଧନ ପାତ୍ରଙ୍କ ସାନପୁଅ ସନ୍ତୋଷ (୧୩) ରବିବାର ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ରବିବାର ସକାଳୁ ଉଠିବା ପରେ ପରିବାର ଲୋକେ ସନ୍ତୋଷଙ୍କୁ ନ ପାଇ ବହୁ ଖୋଜଖୋଜି କରିଥିଲେ। ପରେ ବାଧ୍ୟ ହୋଇ ଏ ନେଇ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ରାମେଶ୍ୱର ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ପାତ୍ରଗୁଡା ଗାଁକୁ ଯାଇ ତଦନ୍ତ କରିଛନ୍ତି। ସନ୍ତୋଷ ପାତ୍ରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର । ଏ ପର୍ଯ୍ୟନ୍ତ ନିଖୋଜର ପ୍ରକୃତ କାରଣ ଜଣାପଡି ନାହିଁ।

# ଏନ୍‌ସିସି 'ସି' ସାର୍ଟିଫିକେଟ୍ ପରୀକ୍ଷା



**ପରୀକ୍ଷା ଦେବାକୁ ଆସିଥିବା ଏନ୍‌ସିସି କ୍ୟାଡେଟ୍।**

ରାୟଗଡା ଅଫିସ୍, ୨୪।୨

ଏନ୍‌ସିସିର 'ସି' ସାର୍ଟିଫିକେଟ୍ ପରୀକ୍ଷା-୨୦୧୯ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ଗ୍ରୁପର ମୁଖ୍ୟ କର୍ଣ୍ଣେଲ ଝା ଏହାର ଦାୟିତ୍ୱ ନେଇଛନ୍ତି। ରାୟଗଡା ଦ୍ୱିତୀୟ ବାଳିକା ବାଟାଲିୟନର ମୁଖ୍ୟ କେ.ଗାୟତ୍ରୀ ଓ ସୁବେଦାର ମେଜର କେ.ଭୀମା ରାଓ ଏଥିରେ ସହଯୋଗ କରିଥିଲେ। ୧୭୫ଜଣ ଏନ୍‌ସିସି କ୍ୟାଡଟ ଏଥିରେ ଭାଗ ନେଇଥିଲେ । ନବରଙ୍ଗପୁର, ଜୟପୁର ଓ ରାୟଗଡାର ୩ଟି ବାଟାଲିୟନ୍ ଏଥିରେ ଭାଗ ନେଇଥିଲେ। ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା କରାଯାଇଥିଲା। ଏଥିରେ ଡ୍ରିଲ୍, ବନ୍ଧୁକ ପରୀକ୍ଷା, ଯୋଗାଯୋଗ ପରୀକ୍ଷା, ଫିଲ୍ଡ କ୍ରାଫ୍ଟ ଓ ବ୍ୟାଟେଲ କ୍ରାଫ୍ଟ ପରୀକ୍ଷା କରାଯାଇଥିଲା।

# ଇତିହାସ ବିଭାଗ ଆଲୋଚନାଚକ୍ର

ରାୟଗଡା ଅଫିସ୍, ୨୪।୨



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

ରାୟଗଡା ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। 'ଜୟୀ ରାଜଗୁରୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ' ଶୀର୍ଷକ ଏହି ଆଲୋଚନା ଚକ୍ରରେ ବିଭାଗୀୟ ଅଧ୍ୟାପିକା ପ୍ରତିମା ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାମାଜିକ କର୍ମୀ ଡା. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ଅର୍ଚ୍ଚନା ପଟ୍ଟନାୟକ ଓ ଅଧ୍ୟାପିକା ଭାରତୀ ଜେନା ଇତିହାସରେ ଜୟୀ ରାଜଗୁରୁଙ୍କ ସ୍ଥାନ ବିଷୟରେ ସୂଚନା ଦେଇଥିଲେ। ଛାତ୍ରୀ ଗୀତାଞ୍ଜଳି ପାସ୍କା ଓ ଇଷ୍ଟର ପ୍ରଧାନ ଆଲୋଚ୍ୟ ବିଷୟରେ ମତ ରଖିଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ଦାସ ବିଦାୟୀ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାର ଦ୍ୱିତୀୟ ପର୍ଯ୍ୟାୟରେ ପିଲାମାନେ ବିଦାୟ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପିକା ମମତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦିବ୍ୟଦର୍ଶନ ସଂଘର ସର୍ବଭାରତୀୟ ସମ୍ମିଳନୀ

ପଦ୍ମପୁର, ୨୪।୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଗୁରୁତୀର୍ଥ ଗୋଡ଼ିଆବନ୍ଧସ୍ଥିତ ଦିବ୍ୟଦର୍ଶନ ସଂଘର ୩୬ତମ ସର୍ବଭାରତୀୟ ଦିବ୍ୟ ସମ୍ମିଳନୀ ରବିବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ସମେତ ଆନ୍ଧ୍ର, ମଧ୍ୟପ୍ରଦେଶ, ଚେନ୍ନାଇର ଗୁରୁଭାଇମାନେ ଯୋଗ ଦେଇଛନ୍ତି। ଏହା ୩ ଦିନ ଧରି ଚାଲିବ ବୋଲି ଦିବ୍ୟଦର୍ଶନ ସଂଘର ପଦ୍ମପୁର ଓ ଗୁଣପୁର ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଦିବସ ସକାଳେ ପ୍ରାରମ୍ଭିକ ସଙ୍ଗୀତ, ନଗର କୀର୍ତ୍ତନ ସହ ସନ୍ଧ୍ୟାରେ ପ୍ରବଚନ କରାଯିବ। ଏଥିରେ ପ୍ରାୟ ୧୫ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି।

# ପ୍ରେସ୍ ୟୁନିୟନ ବାର୍ଷିକ ଉତ୍ସବ

ରାୟଗଡା ଅଫିସ୍, ୨୪।୨

ରାୟଗଡା ପ୍ରେସ ୟୁନିୟନର ତୃତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ଏଥିରେ ଦିଲ୍ଲୀପ ଶତପଥୀ ମୁଖ୍ୟ ଅତିଥି, ଖବରଦାତା ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଓ ତ୍ରିଦେବ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖବରଦାତା ବୃତ୍ତି ନୁହେଁ ବରଂ ଏକ ସାଧନା ବୋଲି ଅତିଥିମାନେ କହିଥିଲେ। ପ୍ରେସ ୟୁନିୟନ ସଭାପତି ଦୟାନନ୍ଦନ ଖାଡଙ୍ଗାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖବରଦାତା ସ୍ୱର୍ଗତ ସୁବାଷ ଚନ୍ଦ୍ର ପଣ୍ଡା ଓ ସ୍ୱର୍ଗତ ସୁରେଶ ପାଢ଼ୀଙ୍କ ସ୍ମୃତିରେ ୨ମିନିଟ୍ ନୀରବ ପ୍ରାର୍ଥନା ସହ ସେମାନଙ୍କ ସ୍ତ୍ରୀ ଙ୍କୁ ୟୁନିୟନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ଛାତ୍ରୀମାନଙ୍କୁ ମଧ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ୟୁନିୟନ ଉପସଭାପତି ସରୋଜ କୁମାର ସାହୁ, ସହସମ୍ପାଦକ ଶ୍ରୀନିବାସ ବଳିଆରସିଂ, କୋଷାଧ୍ୟକ୍ଷ ସନ୍ତୋଷ ଦଳାଇ, ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ସୂର୍ଯ୍ୟ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

# ମାନବ ଚାଲାଣ ବିରୋଧରେ ସଚେତନତା

ପାରଳାଖେମୁଣ୍ଡି,୨୪।୨(ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଗଜପତି ଜିଲା ନୂଆଗଡ ବ୍ଲକ ଉପାନ୍ତ ଅଞ୍ଚଳ ସମ୍ବଲପୁର ପଞ୍ଚାୟତର ଏନ୍.ଝାଲାରସିଂ ଗ୍ରାମରେ ମାନବ ଚାଲାଣ ବିରୋଧରେ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇ ମାନବ ଓ ଶିଶୁ ଚାଲାଣ ରୋକାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁମାନଙ୍କ ପ୍ରତି ମା' ବାପାଙ୍କର କଣ ସବୁ ଦାୟିତ୍ୱ ରହିଛି ସେ ବିଷୟରେ ବୁଝାଇଥିଲେ । ଶିଶୁ ସୁରକ୍ଷା ଉପରେ ଯଦି କିଛି ଅପ୍ରୀତିକର ପରିସ୍ଥିତି ନଜରକୁ ଆସେ ତାହାହେଲେ ଚାଇଲ୍ଡ ଲାଇନର ଟୋଲ ଫ୍ରି ନମ୍ବର ୧୦୯୮କୁ ଜଣାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ଯଶୋବନ୍ତି ବେହେରା ଯୋଗଦେଇ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସଚେତନତା ସୃଷ୍ଟି ଲାଗି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂଆଗଡ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁରତି ପ୍ରଧାନ, ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ, ପରିମଳ ସିଆର୍‌ସିସି ରଞ୍ଜନ ମଣ୍ଡଳ, ଆର୍.ଉଦୟଗିରି ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ମାନବ ଓ ଶିଶୁ ଚାଲାଣର କାରଣ, ଅପକାରିତା, ଦୋଷୀ ବିରୋଧରେ ଦଣ୍ଡ ପ୍ରଦାନ ଆଦି ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ଏହାସହ ପୋଲିସ୍‌ର ଟୋଲ୍ ଫ୍ରି ନମ୍ବର ୧୦୦, ମହିଳାଙ୍କ ସୁରକ୍ଷା ପାଇଁ ଥିବା ଟୋଲ୍ ଫ୍ରି ନମ୍ବର ୧୮୧ ଏବଂ ଚାଇଲ୍ଡ ଲାଇନ୍ ଟୋଲ୍ ଫ୍ରି ନମ୍ବର ୧୦୯୮କୁ ଜଣାଇବା ପାଇଁ ଅନୁରୋଧ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ସତ୍ୟବାନ ସାହୁ, ଜୟ ପ୍ରକାଶ ବଡତ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

## ଓଡ଼ିଶା ପଶ୍ଚିମ ପ୍ରାନ୍ତ ଶାରୀରିକ ବର୍ଗ ଶିବିର

ରାୟଗଡା ଅଫିସ, ୨୪।୨

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଓଡ଼ିଶା ପଶ୍ଚିମ ପ୍ରାନ୍ତର ଶାରୀରିକ ବର୍ଗ ଶିବିର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହା ଆଗାମୀ ୩ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ପଶ୍ଚିମ ପ୍ରାନ୍ତୀୟ ଅଧିକାରୀ ଶଙ୍କର ପଣ୍ଡା, ପ୍ରାନ୍ତ ଶାରୀରିକ ପ୍ରମୁଖ ହରେକୃଷ୍ଣ ମାଝି, ବିଭାଗ ପ୍ରଚାରକ ସୁବ୍ରତ କୁମାର ସାମନ୍ତରା ଉପସ୍ଥିତ ଥିଲେ। ଏଥିରେ ୧୫ଟି ଜିଲାର ଶାରୀରିକ ଟୋଲିରେ ଥିବା ଦକ୍ଷତାସମ୍ପନ୍ନ ସ୍ୱୟଂ ସେବକ ଉପସ୍ଥିତ ଥିଲେ। ଏହି ଶାରୀରିକ ବର୍ଗରେ ଯୋଗାଶନ, ନିଭଧ, ଦଣ୍ଡଯୁଦ୍ଧ ଘୋଷ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାକୁ ରାୟଗଡା ନଗର ସଂଘଚାଳକ ପ୍ରମୋଦ କୁମାର ମହାନ୍ତି, ନଗର କାର୍ଯ୍ୟବାହ ଚିତ୍ତରଞ୍ଜନ ପ୍ରଧାନ, ନଗର ସେବା ପ୍ରମୁଖ ଡା. ସୁନୀଲ ପ୍ରସାଦ ମହାପାତ୍ର, ଜିଲା ବ୍ୟବସ୍ଥା ପ୍ରମୁଖ ସୁଶାନ୍ତ କୁମାର ସୁବୁଦ୍ଧି ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ବ୍ୟବସ୍ଥା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।